**ସଂକ୍ଷେପରେ**

## ଆଧାର ପାଇଁ ହନ୍ତସନ୍ତ



ଚନ୍ଦାହାଣ୍ଡି,୨୪।୧୦(ଡି.ଏନ.ଏ.)- ସରକାର ବିଭିନ୍ନ ଜନହିତକର ଯୋଜନା ପାଇଁ ଆଧାର କାର୍ଡକୁ ବାଧତାମୂଳକ କରିଥିବାବେଳେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ଆଧାର କାର୍ଡ କରିବା ପାଇଁ ହିତାଧିକାରୀମାନେ ପ୍ରତ୍ୟେକଦିନ ଆସି ହଇରାଣ ହେଉଥିବା ଦେଖିବାକୁ ମିଳିଛି। ସରକାରଙ୍କ ଦ୍ୱାରା ଖୋଲାଯାଇଥିବା ଆଧାରକେନ୍ଦ୍ରଗୁଡିକ ବନ୍ଦ ରହୁଥିବାରୁ ଲୋକମାନେ ଆଧାର ପାଇଁ ଆସି ନିରାଶ ହୋଇ ଫେରୁଛନ୍ତି। ନୂଆ ଆଧାର କାର୍ଡ କରିବା ଏବଂ ରାଶନ କାର୍ଡକୁ ଆଧାର ସଂଯୋଗ କରିବା ପାଇଁ ବୃଦ୍ଧାବୃଦ୍ଧମାନେ ବ୍ଲକ କାର୍ଯ୍ୟାଳୟକୁ ଆସି ହନ୍ତସନ୍ତ ହେଉଛନ୍ତି। ସ୍ଥାନୀୟ ଚନ୍ଦାହାଣ୍ଡି ବ୍ଲକରେ ପ୍ରତ୍ୟେକ ଦିନ ଏପରି ଦୃଶ୍ୟ ଦେଖିବାକୁ ମିଳୁଛି। ପ୍ରଶାସନ ପକ୍ଷରୁ ଚନ୍ଦାହାଣ୍ଡି ସଦର ମହକୁମାରେ ଆଧାର କେନ୍ଦ୍ର ଖୋଲିବାକୁ ସର୍ବସାଧାରଣରେ ଦାବି କରାଯାଇଛି । ଅନକାବେଡା ପଞ୍ଚାୟତ ସନ୍ଧିମୁଣ୍ଡା ଗ୍ରାମର ୮ଜଣ ବୃଦ୍ଧାବୃଦ୍ଧ ଏବଂ ଶିଶୁ ହିତାଧିକାରୀ ଆଧାର ନଥିବା ଯୋଗୁ ଚାଉଳ ପାଇବାରୁ ବଞ୍ଚିତ ହେଉଥିବାରୁ ସେମାନେ କାମଧନ୍ଦା ଛାଡି ଅଟୋଭଡା କରି ଆଧାର କରିବାକୁ ବ୍ଲକ କାର୍ଯ୍ୟାଳୟକୁ ଗୁରୁବାର ଆସିଥିଲେ। କିନ୍ତୁ ଏଠାରେ ଆଧାର କେନ୍ଦ୍ର ବନ୍ଦ ରହୁଥିବାରୁ ସେମାନଙ୍କ ଆଧାର କାର୍ଡ ହୋଇ ପାରି ନ ଥିଲା। ହିତାଧିକାରୀମାନେ କହିଥିଲେ ଯେ, ରାଶନ କାର୍ଡରେ ଆଧାର ସଂଯୋଗ ଏବଂ ନୂତନ ଆଧାର କାର୍ଡକରିବା ପାଇଁ କାମଧନ୍ଦା ଛାଡି ବ୍ଲକ କାର୍ଯ୍ୟାଳୟକୁ ଆସି ଥିଲୁ। କିନ୍ତୁ ଏଠାରେ ଆଧାର ହେଉ ନାହିଁ। କୌଣସି ଲୋକପ୍ରତିନିଧି କିମ୍ବା ବ୍ଲକ କର୍ମଚାରୀ ସେମାନଙ୍କୁ ସହଯୋଗ କରିବା ପାଇଁ ମଧ ଆସୁନାହାନ୍ତି ବୋଲି କହିଥିଲେ ।ଏପରିକି ବ୍ଲକ କାର୍ଯ୍ୟାଳୟ ପରିସରରେ ପିଇବା ପାଣି ସୁବିଧା ସହ ମହିଳା ପରିସ୍ରାଗାର ନଥିବାରୁ ଅସୁବିଧା ହେଉଛି ବୋଲି କହିଥିଲେ। ବ୍ଲକ କାର୍ଯ୍ୟାଳୟକୁ ୮ଜଣ ମହିଳା ହିତାଧିକାରୀ ଆଧାର କାର୍ଡ ପାଇଁ ଆସି ହଇରାଣ ହେଉଥିବା ଆମ ପ୍ରତିନିଧି ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ଅବଗତ କଲା ପରେ ସେ ଅଟୋ ଭଡା କରି ମୋହରାଠାରେ ଥିବା ଆଧାର କେନ୍ଦ୍ରକୁ ଆଧାର କରିବା ପାଇଁ ପଠାଇଥିଲେ।

■ ଜିଲାସ୍ତରୀୟ ମକା ଚାଷୀ ଓ ବ୍ୟବସାୟୀ ସମ୍ମିଳନୀ

# ୧୦ରୁ ମକାମଣ୍ଡି ଆରମ୍ଭ

ନବରଙ୍ଗପୁର,୨୪।୧୦(ବି.ପ୍ର.)

ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଆରଏମସି ପକ୍ଷରୁ ଜିଲାସ୍ତରୀୟ ମକା ଚାଷୀ ଓ ବ୍ୟବସାୟୀ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଅଜିତ କୁମାର ମିଶ୍ର ଯୋଗ ଦେଇଥିଲେ । ଆସନ୍ତା ନଭେମ୍ବର ୧୦ ରୁ ମକାମଣ୍ଡି ଆରମ୍ଭ କରାଯିବ । ଏଥିପାଇଁ ଆରଏମସି ପକ୍ଷରୁ ବ୍ୟାପକ ପ୍ରଚାର ପ୍ରସାର ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ । ଜିଲାରେ ୯ ହଜାର ୩ଶହ ଚାଷୀ ଏଯାଏ ନାମ ପଞ୍ଜିକରଣ କରିଛନ୍ତି । ଚାଷୀ ପଞ୍ଜିକରଣ ଆହୁରି ୫ ହଜାରକୁ ବୃଦ୍ଧି ହେବ ବୋଲି ସୂଚନା ଦିଆଯାଇଥିଲା । ସମସ୍ତ ପଞ୍ଜିକରଣ ଚାଷୀ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ସହ ଆଧାର ଲିଙ୍କ କରିବାକୁ କହିଥିଲେ । ଇ-ନାମ ଜରିଆରେ ଚଳିତ ବର୍ଷ ମଧ ମକା କିଣାଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି କହିଥିଲେ । ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୂତାର ଯୋଗ ଦେଇ ଚାଷୀମାନଙ୍କୁ ଅନଲାଇନ ପଞ୍ଜିକରଣ କରିବାକୁ କହିଥିଲେ । ମକାଚାଷୀ ଯେପରି ମକାର ଉପଯୁକ୍ତ ମୂଲ୍ୟ ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦେଇଥିଲେ । ଆରଏମସିର ଅଧ୍ୟକ୍ଷ ତଥା ଉପଜିଲାପାଳ ଭାଷ୍କର ରଇତୋ ସଭାପତିତ୍ୱ କରି ଚାଷୀ ଓ ବ୍ୟବସାୟୀଙ୍କ ସମସ୍ୟାର ସମାଧାନ କରାଯିବାକୁ ଉଦ୍ୟମ କରାଯିବ ବୋଲି କହିଥିଲେ । ଚାଷୀପ୍ରତିନିଧି ଝାଡେଶ୍ୱର ଖାଡଙ୍ଗା ମକା ଚାଷରେ ପରିବର୍ତ୍ତନ ଆସୁଥିବାରୁ ଆରଏମସି ଉତ୍ପାଦନର ବିକ୍ରି ପାଇଁ ଉପଯୁକ୍ତ ଭିତ୍ତିଭୂମି ଯୋଗାଇ ଦେବାକୁ କହିଥିଲେ । ବାହାରର କେତେକ ବ୍ୟବସାୟୀ ଚାଷୀଙ୍କୁ ଠକୁଛନ୍ତି। ଆରଏମସି ଲାଇସେନ୍ସ ନଥିଲେ ବ୍ୟବସାୟ କରିପାରିବେ ନାହିଁ ବୋଲି କହିଥିଲେ । ଉମରକୋଟର ଚାଷୀ ପ୍ରତିନିଧି ଝାଡେଶ୍ୱର ମହାନ୍ତି ଚାଷୀଙ୍କୁ ମକାର ଉପଯୁକ୍ତ ମୂଲ୍ୟ ପ୍ରଦାନ କରାଯିବାକୁ ଦାବୀ ଜଣାଇଥିଲେ । ଚାଷୀ, ବ୍ୟବସାୟୀ, ପ୍ରଶାସନ ଓ ଆରଏମସିର ସମନ୍ୱୟ ସହ ମକା ମଣ୍ଡି ଚାଲିବା ଉପରେ ଚାଷୀ ପ୍ରତିନିଧି ଆଶିଷ ରଞ୍ଜନ ପଟ୍ଟନାୟକ ଗୁରୁତ୍ୱ ଦେଇଥିଲେ । ଆରଏମସି ସମ୍ପାଦକ ଅବକାଶ ବେହେରା ସୂଚନା ପ୍ରଦାନ କରି ଏହି ସସ୍ଥାରେ ୩୧୦ଟି ଟାର୍ପୋଲିନ, ୩୦ଟି ଗୋଦାମ ଗୃହ, ୧୫୦ ମଶ୍ଚର(ଆଦ୍ରତା) ମେସିନ, ୫୦ଟି ସାମ୍ପୁଲ ଡିଭାଇଡର, ଏକ ଶହ ଆନାଲେସିସ୍ କିଟ ରହିଥିବା କହିଥିଲେ । ଚାଷୀ ବିନୋଦିନ ତ୍ରିପାଠୀ, ବୃନ୍ଦାବନ ତ୍ରିପାଠୀ, ସନା ମାଝୀ ସମେତ ଅନ୍ୟ କେତେକ ଚାଷୀ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ବ୍ୟବସାୟୀ ସଚ୍ଚୀ ଚୌଧୁରୀ ଜିଲାରେ ଫୁଡ ଭେଲ୍ୟୁ ଲାବୋଟୋରୀ ସ୍ଥାପନ ପାଇଁ ଦାବୀ କରିଥିଲେ । ଗତ ବର୍ଷ ବ୍ୟବସାୟୀମାନେ ମକା ବିକ୍ରୀ କରିଥିଲେ ସୁଦ୍ଧା ଠକେଇର ଶିକାର ହୋଇଥିବା ଅଭିଯୋଗ କରିଥିଲେ । ସମ୍ପୃକ୍ତ ସଂସ୍ଥା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ନନ୍ଦାହାଣ୍ଡି ବ୍ଲକର ସରୁଗୁଡାରେ ମକାମଣ୍ଡି ସ୍ଥାନ ନିରୂପଣ କରାଯିବାକୁ କହିଥିଲେ । ଏହି ଅବସରରେ ଚାଷୀ ଓ ବ୍ୟବସାୟୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



ସମ୍ମିଳନୀରେ ଜିଲାପାଳଙ୍କ ସହ ଅନ୍ୟମାନେ ।

ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଭେଟିଲେ ନବରଙ୍ଗପୁର ଏମ୍‌ପି

# ନବରଙ୍ଗପୁରରେ ଏୟାରଷ୍ଟ୍ରିପ ପାଇଁ ଦେଲେ ପ୍ରସ୍ତାବ



କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ନବରଙ୍ଗପୁର ଏମ୍‌ପି ଫୁଲତୋଡା ଦେଉଛନ୍ତି ।

ଚନ୍ଦାହାଣ୍ଡି, ୨୪।୧୦ (ଡି.ଏନ.ଏ.)

କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି ଗୁରୁବାର ଭେଟିଥିଲେ। ନବରଙ୍ଗପୁର ସଦର ମହକୁମାରେ ଏକ ଏୟାର ଷ୍ଟ୍ରିପ ନିର୍ମାଣ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସେ କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇଥିଲେ। ଜିଲା ଗଠନର ଦୀର୍ଘବର୍ଷ ବିତିଯାଇଥିଲେ ମଧ ଏଠାରେ ଉଡାଜାହାଜ ଓହ୍ଲାଇବା ପାଇଁ ସ୍ଥାୟୀ ପଡିଆଟିଏ ନାହିଁ। କୌଣସି ମନ୍ତ୍ରୀ ଉଡାଜାହାଜରେ କିମ୍ବା ହେଲିକପ୍ଟରରେ ଆସିଲେ ଜୟପୁରଠାରେ ଥିବା ଏୟାର ଷ୍ଟ୍ରିପରେ ଓହ୍ଲାଇ ସେଠାରୁ ଅନ୍ୟ ଗାଡିରେ ଆସିବାକୁ ପଡିଥାଏ। ତେଣୁ ଏଠାରେ ଏକ ଉଡାଜାହାଜ ପଡିଆ ନିର୍ମାଣ କରିବା ପାଇଁ ସେ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।

# ପିଇଓ ଜିଲା ସଂଘ କାର୍ଯ୍ୟକାରିଣୀ ବୈଠକ

ଡାବୁଗାଁ, ୨୪।୧୦ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଅଧୀନ ଡଙ୍ଗରା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ଜିଲା ସଂଘ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ସଭାପତି ଏ.ଡି. ପ୍ରସାଦ ଅଧକ୍ଷତା କରିଥିଲେ। ନବରଙ୍ଗପୁର ଜିଲାର ପିଇଓ ଲଛମନ ମାଳୀ ଓ ଯାଜପୁର ଜିଲାର ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ସ୍ମୃତିଚାରଣ କରାଯାଇଥିଲା। ଏହି ବୈଠକରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ୨ରୁ ୩ ଟି ଲେଖାଏଁ ଗ୍ରାମପଞ୍ଚାୟତର ଦାୟିତ୍ୱ ଜଣକୁ ଦିଆଯାଇଛି । ଆଦେଶ ମାତ୍ରେ କାର୍ଯ୍ୟ ହାସଲ କରିବାକୁ ପ୍ରଶାସନ ବାଧ କରୁଛି। ୨ରୁ୩ଟି ପଞ୍ଚାୟତ ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀଙ୍କୁ ଜନସେବା ଦିବସରେ ଦାୟିତ୍ୱରେ ଥିବା ସମସ୍ତ ଗ୍ରାମପଞ୍ଚାୟତରେ ଭତ୍ତା ରାଶୀ ବଣ୍ଟନ କରିବାକୁ ଦିଆଯାଉଛି । ସରକାରୀ ନିୟମ ଅନୁସାରେ ଜନସେବା ଦିବସରେ ଜଣେ ନିର୍ବାହୀ ଅଧିକାରୀ ଗୋଟିଏ ଦିନରେ ୨ ରୁ ୩ ଟି ପଞ୍ଚାୟତର ଭତ୍ତା ରାଶି କିପରି ବାଣ୍ଟି ପାରିବେ ଏ ସଂକ୍ରାନ୍ତରେ ଜିଲାପାଳଙ୍କୁ ଜଣାଇଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। କେତେକ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଲୋକଙ୍କ ଆକ୍ରମଣର ଶିକାର ହେବାକୁ ପଡିଛି । ଏପରିକି ପଞ୍ଚାୟତ କାର୍ଯ୍ୟାଳୟରେ ପଶି ଲୋକମାନେ ମାଡ ମାରିବା, ଗାଳି ଦେବା, ତାଲା ପକାଇ ବନ୍ଦ କଲେ ମଧ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ଏଣୁ ବର୍ତ୍ତମାନ ସ୍ଥିତିରେ ଜିଲାର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁରକ୍ଷିତ ମନେ କରୁନଥିବା ଆଲୋଚନା ହୋଇଥିଲା । ସରକାରୀ ଛୁଟି ଦିବସରେ ମଧ କାର୍ଯ୍ୟ କରିବାକୁ ବାଧ କରାଯାଉଥିବାରୁ ଅନେକ ଚାପରେ ରହି କାର୍ଯ୍ୟ କରିବାକୁ ପଡୁଛି । ଗୋଟିଏ ପଞ୍ଚାୟତକୁ ଜଣେ ନିର୍ବାହୀ ଅଧିକାରୀ ନିଯୁକ୍ତି ନିୟମ ଲାଗୁ କରିବା ଓ ବିଭିନ୍ନ ନ୍ୟାର୍ଯ୍ୟ ପ୍ରାପ୍ୟ ପ୍ରଦାନ କରିବା ସହ ସୁରକ୍ଷା ଯୋଗାଇଦେବା ନିମନ୍ତେ ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ।ଏହି ବୈଠକରେ ଜିଲା ସଂଘ ସମ୍ପାଦକ ନିତ୍ୟାନନ୍ଦ ନାୟକ, ରାଜ୍ୟ ପ୍ରତିନିଧି ସଂଗ୍ରାମ ପଟ୍ଟନାୟକ, ଛନ୍ଦା ଚରଣ ବିଶୋଇ, ଜିଲା ପ୍ରଭାରୀ, ସମସ୍ତ ବ୍ଲକ ସଭାପତି ଓ ପାପଡାହାଣ୍ଡି ବ୍ଲକର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ।

## ଦିବ୍ୟାଙ୍ଗଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର

ଝରିଗାଁ,୨୪।୧୦(ସ୍ୱ.ପ୍ର)

ଝରିଗାଁ ବ୍ଲକ ଶିକ୍ଷା ସାଧନକେନ୍ଦ୍ର ପକ୍ଷରୁ ବ୍ଲକ ସ୍ତରୀୟ ଭିନ୍ନକ୍ଷମ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ବ୍ଲକ ଶିକ୍ଷା ଅଧିକାରୀ ସୁରେଶ ଚନ୍ଦ୍ର ନାଏକ ଏବଂ ବିଆରସିସି ଶିବଶଙ୍କର ମଣ୍ଡଳଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା ଶିବିରରେ ଶତାଧିକ ଭିନ୍ନକ୍ଷମ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଚକ୍ଷୁ ଚିକିତ୍ସକ ରାମଚନ୍ଦ୍ର ରାମ ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରିଥିବା ବେଳେ ଶିବ ପ୍ରସାଦ ସାହୁ କାନ ପରୀକ୍ଷା ,ବିଭୁଦତ ସେଠୀ ମାନସିକ ସ୍ଥିତି, ଘନଶ୍ୟାମ ବେହେରା ବୈଦିକ ଚିକିତ୍ସା ଏବଂ ଘନଶ୍ୟାମ ସେଠୀଙ୍କ ଦ୍ୱାରା କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପରୀକ୍ଷା କରି ସେମାନଙ୍କ ଆବଶ୍ୟକ ଉପକରଣ ପ୍ରଦାନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗୋଷ୍ଠୀ ସମ୍ବଳ ଶିକ୍ଷକ ଦିପକ କୁମାର ସେଠୀ, ସ୍ୱେଚ୍ଛାସେବୀ ପ୍ରଦୀପ କୁମାର ପଟ୍ଟନାୟକ, ଏବଂ ସୁନାଧର ପାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୫ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ଡାକ୍ତର ଓ କର୍ମଚାରୀଙ୍କ ଗହଣରେ ୫ ବିଦାୟୀ କର୍ମଚାରୀ ।

ପଟ୍ଟାଙ୍ଗି,୨୪।୧୦(ଡି.ଏନ୍.ଏ.)

ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭାଗବତ ମୁର୍ମୁ ୫ ଜଣ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଛନ୍ତି। ୨୦୦୮ରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଏନ୍‌ଆର୍‌ଏଚ୍‌ଏମ୍ ବିପିଏମ ଭାବେ ନୂତନ ସିଂ, ବ୍ଲକ ଆକାଉଣ୍ଟେଡ୍ ମ୍ୟାନେଜର ସଞ୍ଜିତ ସୁନ୍ଦର ରାୟ, ବିଡିଏମ୍ ସନ୍ତୋଷ ଦାଶ, ଭିଭିଟିଏସ୍ ନୀଳକଣ୍ଠ ପାଣି ଓ ଏସ୍‌ଟିଏସ୍ ରଶ୍ମିରେଖା ରଥ ନିଯୁକ୍ତି ପାଇ କାର୍ଯ୍ୟ କରିଆସୁଥିଲେ। ଉକ୍ତ ୫ କର୍ମଚାରୀଙ୍କୁ ଗୋଟିଏ ସମୟରେ ବଦଳି କରାଯାଇଛି। ଏହି ଅବସରରେ ସେମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ଡାକ୍ତର ଅଶୋକ ପ୍ରଧାନ, କୋଟିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ପବିତ୍ର ପଣ୍ଡା, ଚିକାପାରୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଦିଲ୍ଲୀପ ଜେନା, ଡାକ୍ତର ବିଜୟ ରାଉତ, ଡାକ୍ତର ଆଶୁତୋଷ ପ୍ରଧାନ, ଡାକ୍ତର ପ୍ରବିନ ସାହୁ, ଭାରପ୍ରାପ୍ତ ପିଏଚଇଓ ବିଜୟ ଖିଲ ଉପସ୍ଥିତ ଥିଲେ। ନୂତନ ବିପିଏମ ରଶ୍ମି ସ୍ୱାଇଁ, ବିଏଏମ୍ ସହଦେବ ଖରା, ଏସ୍‌ଟିଏସ୍ ଗୌରୀଶଙ୍କର ସ୍ୱାଇଁ, ଭିବିଡିଟିଏସ୍ ଗିରିଜା ପ୍ରସାଦଙ୍କୁ ସ୍ୱାଗତ କରାଯାଇଥିଲା ।

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକାରୀ
ପ୍ରାୟୋଜିତ ନିଯୁକ୍ତି ମେଳା
ODISHA SKILL DEVELOPMENT AUTHORITY
ତାରିଖ: ୨୯।୧୦।୨୦୧୯ ସ୍ଥାନ: ସରକାରୀ ପୋଲିଟେକ୍ନିକ୍, ମାଲକାନଗିରି
ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକାରୀ ଓ ଜିଲ୍ଲା ପ୍ରଶାସନ ମାଲକାନଗିରି ତରଫରୁ ଆସନ୍ତା ତା୨୯।୧୦।୨୦୧୯ରିଖରେ ସରକାରୀ ପୋଲିଟେକ୍ନିକ୍ ଖେଳପଡ଼ିଆ, ମାଲକାନଗିରିଠାରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହେବାକୁ ଯାଉଛି। ଏଣୁ ଇଚ୍ଛୁକ ସମସ୍ତ ବେକାର ଯୁବକ/ଯୁବତୀଙ୍କୁ ଅବଗତ କରାଯାଉଛି କି, ଯେଉଁମାନେ ୫ମରୁ +୩ / ITI/ Diploma/ B.Pharma/ M.Sc (Analytical) ଶିକ୍ଷାଗତ ଯୋଗ୍ୟତା ପୂର୍ଣ୍ଣ କରିଛନ୍ତି ଏବଂ ବୟସ ୧୮ରୁ ୩୫ ମଧ୍ୟରେ ହୋଇଥିବ, ସେମାନଙ୍କ ମଧ୍ୟରୁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଆସନ୍ତା ତା୨୯।୧୦।୨୦୧୯ରିଖରେ ସରକାରୀ ପୋଲିଟେକ୍ନିକ୍, ମାଲକାନଗିରିଠାରେ ଦିବା ୯ ଘଟିକାରେ ଅନୁଷ୍ଠିତ ହେବାକୁ ଥିବା ଏହି ନିଯୁକ୍ତି ମେଳାରେ ଯୋଗଦେଇ ବିଭିନ୍ନ ବେସରକାରୀ ସଂସ୍ଥାରେ ସିଧାସଳଖ ନିଯୁକ୍ତି ଓ ନିଯୁକ୍ତିଭିତ୍ତିକ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣର ସୁଯୋଗ ପାଇପାରିବେ। ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ନିଜର ପାସ୍‌ପୋର୍ଟ ଫଟୋ ଓ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର ସହିନକଲ ସହ ଉକ୍ତ ନିଯୁକ୍ତି ମେଳାରେ ଯୋଗଦେବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିବେଦନ କରାଯାଉଅଛି।
ଏହି ସମ୍ପର୍କରେ ବିସ୍ତୃତ ବିବରଣୀ ନିମନ୍ତେ ନିକଟସ୍ଥ ଗୋଷ୍ଠୀ ଉନ୍ନୟନ ଅଧିକାରୀ କିମ୍ବା ଜିଲ୍ଲା ନିୟୋଜନ ଅଧିକାରୀ, ମାଲକାନଗିରିଙ୍କ ଫୋନ୍ ନଂ. ୦୬୮୬୧-୨୩୦୪୨୭ରେ ଯୋଗାଯୋଗ କରନ୍ତୁ।
ଜିଲ୍ଲା ନିୟୋଜନ ଅଧିକାରୀ, ମାଲକାନଗିରି ଜିଲ୍ଲାପାଳ, ମାଲକାନଗିରି

■ ବାହ୍ୟ ମଳମୁକ୍ତ ଗାଁ ଘୋଷଣା

# ବ୍ୟବହାର ହେଉନି ପାଇଖାନା

ଚନ୍ଦାହାଣ୍ଡି,୨୪।୧୦(ଡି.ଏନ.ଏ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ସମସ୍ତ ଗାଁକୁ ବାହ୍ୟ ମଳମୁକ୍ତ ଗାଁ ବୋଲି ଘୋଷଣା କରାଯାଇଛି। ଏ ନେଇ ସମସ୍ତ ଗାଁ ପ୍ରବେଶ ଦ୍ୱାରରେ ଲାଗିଛି ସୂଚନା ଫଳକ। କିନ୍ତୁ ଚନ୍ଦାହାଣ୍ଡି ବ୍ଲକର ପ୍ରାୟ ୮୦ ପ୍ରତିଶତ ପରିବାର ବାହାରେ ମଳତ୍ୟାଗ କରୁଛନ୍ତି। ବର୍ତ୍ତମାନ ଚାଷ ଜମିରେ ଫସଲ ରହିଥିବାରୁ ଗ୍ରାମଗୁଡିକର ମୁଖ୍ୟରାସ୍ତାଗୁଡିକ ମୁକ୍ତାକାଶ ପାଇଖାନା ପାଲଟିଛି। କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ଯୋଜନା ଅଧୀନରେ ଗ୍ରାମାଞ୍ଚଳରେ ଲୋକମାନଙ୍କୁ ପାଇଖାନା ତିଆରି କରିବା ପାଇଁ ଆର୍ଥିକ ରାଶି ଯୋଗାଇ ଦିଆଯାଉଛି। ଏହାର ସୁଯୋଗ ନେଇ ଅଧିକାଂଶ ପରିବାର ନିଜ ନିଜର ପୁରୁଣା ପାଇଖାନାକୁ ଚୂନ ମାରି ସରକାରୀ ମଧସ୍ଥିଙ୍କୁ ହାତଗୁଞ୍ଜା ଦେଇ ସରକାରୀ ସହାୟତା ହାତେଇଛନ୍ତି। ଅନ୍ୟପକ୍ଷରେ ସ୍ୱଚ୍ଛ ଭାରତ ଯୋଜନାରେ ଗାଁ ଗହଳିରେ ଏବେ ପାଇଖାନା ତିଆରି କରିବା ପାଇଁ ଠିକାଦାରଙ୍କ ମଧରେ ପ୍ରତିଯୋଗିତା ଲାଗିଛି। ପାଇଖାନା ନିର୍ମାଣ କାମ ଅତି ନିମ୍ନମାନର କରାଯାଉଛି। ପ୍ୟାନ, କବାଟ ଇତ୍ୟାଦି ନିମ୍ନମାନର ଲଗାଯାଉଥିବାରୁ ପାଇଖାନାଗୁଡିକର ସ୍ଥାୟିତ୍ୱ ନେଇ ସନ୍ଦେହ ସୃଷ୍ଟି ହୋଇଛି। ନିର୍ମାଣ ହୋଇଥିବା ପ୍ରାୟ ୭୦ ଭାଗ ପାଇଖାନା ଶୌଚ ପାଇଁ ବ୍ୟବହାର ନ ହୋଇ ଅନ୍ୟ କାମରେ ବ୍ୟବହାର ହେଉଛି। ପାଇଖାନାଗୁଡିକରେ ଲୋକମାନେ ଜାଳେଣି କାଠ, ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁ ରଖିବା ସହ କୁକୁଡା ଭାଡି କରୁଥିବାର ଦେଖିବାକୁ ମିଳୁଛି। ସରକାରୀ ସ୍ତରରେ ପ୍ରତ୍ୟେକ ଗ୍ରାମକୁ ବାହ୍ୟ ମଳମୁକ୍ତ ଗାଁ ଘୋଷଣା କରି ସୂଚନା ଫଳକ ଲଗାଯାଇଥିଲେ ମଧ ତାହାର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା।



ଲଟାବୁଦା ଭିତରେ ରହିଥିବା ପାଇଖାନା।

ଆଲ୍ଲାହାବାଦ ବ୍ୟାଙ୍କ
(ଭାରତ ସରକାରଙ୍କର ଏକ ଉପକ୍ରମ)
ଗୃହ ଆବଶ୍ୟକ
**ଆଲ୍ଲାହାବାଦ ବ୍ୟାଙ୍କ, ମଣ୍ଡଳୀୟ କାର୍ଯ୍ୟାଳୟ, ସମ୍ବଲପୁର** ଏହାର ନିମ୍ନଲିଖିତ ଶାଖାର ସ୍ଥାନାନ୍ତରଣ ନିମନ୍ତେ ଭଡାସୂତ୍ରରେ ତଳ ମହଲାର ଗୃହ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରୁଅଛି ।

| କ୍ର.ନଂ. | ମଣ୍ଡଳ | ଶାଖାର ନାମ | କାର୍ପେଟ୍ ଏରିଆ | ଗୃହ ଆବଶ୍ୟକ | ସ୍ଥାନ (ନିମ୍ନଲିଖିତ ସ୍ଥାନର ବଜାର ଅଞ୍ଚଳରେ) |
|---|---|---|---|---|---|
| ୧. | ସମ୍ବଲପୁର | କୋକଳବା | ୧୦୦୦ ବର୍ଗଫୁଟ | ସେହି ସ୍ଥାନରେ ବର୍ତ୍ତମାନର ଶାଖା ସ୍ଥାନାନ୍ତରଣ ନିମନ୍ତେ ବିକଳ୍ପ ଗୃହ | ସା/ପୋ.: କୋକଳବା, ଥାନା: ନରସିଂହପୁର, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୦୩୨ |

ଦରଖାସ୍ତ ଫର୍ମ ଏବଂ ଅନ୍ୟାନ୍ୟ ସବିଶେଷ ବିବରଣୀ ବ୍ୟାଙ୍କର **ମଣ୍ଡଳୀୟ କାର୍ଯ୍ୟାଳୟ, "ଶ୍ୟାମ ଆର୍କେଡ" ସା.: କ୍ଷେତରାଜପୁର, ପୋ/ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୩ କିମ୍ବା କୋକଳବା ଶାଖାରୁ** ସଂଗ୍ରହ କରିପାରିବେ କିମ୍ବା ବ୍ୟାଙ୍କର **ୱେବ୍‌ସାଇଟ୍: www.allahabadbank.in** ରୁ ଡାଉନ୍‌ଲୋଡ୍ କରିପାରିବେ।
ଧାର୍ଯ୍ୟ ଫର୍ମାଟରେ ସମ୍ପୂର୍ଣ୍ଣ ଭାବେ ପୁରଣ କରାଯାଇଥିବା ଦରଖାସ୍ତ ସହିତ ଆବଶ୍ୟକୀୟ ସୂଚନା ଏବଂ ୱେବସାଇଟ୍‌ରେ ଦର୍ଶିତ କାଗଜପତ୍ର ଗୁଡିକୁ ବନ୍ଦ ଲଫାପାରେ **ତା୧୧.୧୧.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ମଣ୍ଡଳୀୟ କାର୍ଯ୍ୟାଳୟରେ ଦାଖଲ କରିବେ।
ତାରିଖ: ୨୪.୧୦.୨୦୧୯ ସହାୟକ ମହାପ୍ରବନ୍ଧକ

# ଦାଦନ ଖଟିବାକୁ ଯାଇ ବନ୍ଧାପଡିଛି ଜୀବନ

## ପୁଅକୁ ଫେରାଇ ଆଣିବାକୁ ମା', ବାପାଙ୍କ ଗୁହାରି

ଚନ୍ଦାହାଣ୍ଡି, ୨୪।୧୦(ଡି.ଏନ.ଏ)

ଅଧିକ ଅର୍ଥ ଉପାର୍ଜନ ଆଶାରେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ଖପରାଡିହି ଗ୍ରାମର ଲକ୍ଷ୍ମୀକାନ୍ତ ବୋଡକିଆ (୨୨)ଦାଦନ ଖଟିବାକୁ ଯାଇଥିଲେ ଆନ୍ଧ୍ରପ୍ରଦେଶର ବିଜୟୱାଡା। କିନ୍ତୁ ସେଠାରେ ୩ ଦିନ ଇଟାଭାଟିରେ କାମ କରିବା ପରେ ଲକ୍ଷ୍ମୀକାନ୍ତ ଅସୁସ୍ଥ ହୋଇ ପଡିଥିଲେ। କିନ୍ତୁ ଦାଦନ ଖଟିବାକୁ ଆସିଥିବା ବେଳେ ୫ ହଜାର ଟଙ୍କା ଅଗ୍ରିମ ନେଇଥିବାରୁ ସେହି ଟଙ୍କା ଫେରାଇଲେ ଘରକୁ ଯାଇପାରିବ ବୋଲି ଇଟାଭାଟି ମାଲିକ କହିଥିଲେ। ଟଙ୍କା ଦେଇ ପାରୁ ନ ଥିବାରୁ ମାଲିକ ନିକଟରେ ସେ ବନ୍ଧା ପଡିଛନ୍ତି। ପୁଅକୁ ସେଠାରୁ ଉଦ୍ଧାର କରିବାପାଇଁ ଲକ୍ଷ୍ମୀକାନ୍ତଙ୍କ ମା' ବାପା ଆକୁଳ ନିବେଦନ କରିଛନ୍ତି।

ଖପରାଡିହି ଗ୍ରାମର ତୁକାରାମ ବୋଡକିଆ ଏବଂ ସରାବନି ବୋଡକିଆଙ୍କ ଏକମାତ୍ର ରୋଜଗାରକ୍ଷମ ପୁଅ ଲକ୍ଷ୍ମୀକାନ୍ତ। ଚଳିତବର୍ଷ ଲକ୍ଷ୍ମୀକାନ୍ତଙ୍କ ବିବାହ ପାଇଁ କିଛି ଅର୍ଥର ଆବଶ୍ୟକ ଥିଲା । ଛତିଶଗଡ କଏଁଟପଦର ଗ୍ରାମର ଏକ ଦଲାଲଙ୍କ ପ୍ରଲୋଭନରେ ସେ ପଡିଥିଲେ। ମାତ୍ର ୫ହଜାର ଟଙ୍କା ଅଗ୍ରୀମ ନେଇ ଆନ୍ଧ୍ରପ୍ରଦେଶ ବିଜୟୱାଡାର ଏକ ଇଟାଭାଟିରେ କାମ କରିବାକୁ ଯାଇଥିଲେ । ମାତ୍ର ଦୁଇଦିନ କାମ କରିବା ପରେ ଲକ୍ଷ୍ମୀକାନ୍ତ ଅସୁସ୍ଥ ହୋଇପଡିଥିଲେ। ଇଟାଭାଟି ମାଲିକଙ୍କୁ ସେ ଘରକୁ ଯିବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ ଅଗ୍ରିମ ଟଙ୍କା ନ ଫେରାଇବା ପର୍ଯ୍ୟନ୍ତ ସେ ଘରକୁ ଯାଇ ପାରିବେନି ବୋଲି ମାଲିକ କହିଥିଲେ। ଅନ୍ୟ ଉପାୟ ନ ପାଇ ଅସୁସ୍ଥ ଲକ୍ଷ୍ମୀକାନ୍ତ କାନ୍ଦି କାନ୍ଦି ନିଜ ମା' ବାପାଙ୍କୁ ଟଙ୍କା ପଠାଇଲେ ସେ ମୁକୁଳିକି ଆସିପାରିବେ ବୋଲି କହିଥିଲେ। ଅସୁସ୍ଥ ଥିଲେ ମଧ ମାଲିକ ଚିକିତ୍ସା ମଧ କରୁ ନ ଥିବା ଲକ୍ଷ୍ମୀକାନ୍ତ କହିଛନ୍ତି। ଏପଟେ ଲକ୍ଷ୍ମୀକାନ୍ତଙ୍କୁ ନେଇଥିବା ଦଲାଲର ପରିଚୟ ମା', ବାପା ଜାଣି ନଥିବାରୁ ସେମାନେ ଏବେ କଣ କରିବେ ଚିନ୍ତାରେ ପଡିଛନ୍ତି । ପ୍ରଶାସନ ଦୃଷ୍ଟି ଦେଇ ପୁଅକୁ ଫେରାଇ ଆଣିବାକୁ ତୁକାରାମ ଏବଂ ସରାବନି ଆକୁଳ ନିବେଦନ କରିଛନ୍ତି ।



ଲକ୍ଷ୍ମୀକାନ୍ତ ବୋଡକିଆ । ପୁଅର ଫେରିବା ବାଟକୁ ଚାହିଁ ବସିଛନ୍ତି ବାପା , ମା' ।

THE ODISHA MINING CORPORATION LIMITED
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

No.38/OMC Date : 24.10.2019

**ADVERTISEMENT FOR RECRUITMENT OF EXECUTIVES IN OMC LTD.**

The OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. The Corporation has achieved an annual turnover of Rs. 4053 crores in the FY 2018-19. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries.
The Corporation invites application from dynamic & competent professionals for the following posts.
**VACANCY :-**

| Sl. No. | Name of the Post | Scale of Pay (in Rs.) | Total posts | Initial Basic Pay (in Rs.) | No. of Posts Reserved for | | | |
|---|---|---|---|---|---|---|---|---|
| | | | | | SC | ST | SEBC | UR |
| FINANCE | | | | | | | | |
| 1 | Dy. General Manager (Fin.), E-5 grade | 78,800/- to 2,09,200/- | 04 | 1,05,900/- | - | - | 01 | 03 (1-W) |
| 2 | Sr. Manager (Fin.), E-4 grade | 67,700/- to 2,08,700/- | 02 | 91,100/- | - | 01 | 01 | - |
| 3 | Manager (Fin.), E-3 grade | 67,700/- to 2,08,700/- | 01 | 78,500/- | - | 01 | - | - |
| 4 | Dy. Manager (Fin.), E-2 grade | 67,700/- to 2,08,700/- | 01 | 67,700/- | 01 | - | - | - |
| | Total | | 08 | | 01 | 02 | 02 | 03 |

Interested eligible candidates are requested to download the application format from OMC website : **www.omcltd.in** and submit the same duly filled in & signed along with attested copies of Certificates / Testimonials, Experience Certificate in support of their eligibility by **Speed Post /Courier** in a cover superscribed "APPLICATION FOR THE POST OF __________" so as to reach the **General Manager (P&A), The Odisha Mining Corporation Ltd., OMC House, Bhubaneswar-751001 by 11.11.2019 positively**. Applications received after the last date due to delay in postal/courier or any other reason shall not be entertained and will be rejected.
The OMC Management reserves the right to cancel, amend or alter the above advertisement without assigning any reason thereof.
Sd/-
Director (Personnel)



ଆମେ ଯାହା ତା'ଠାରୁ ଅଧିକ ବୋଲି ଅନ୍ୟମାନଙ୍କୁ ଜଣାଇବା ପାଇଁ ଯଦି ବ୍ୟାକୁଳତା ପ୍ରକାଶ ନ କରୁ, ଜୀବନରେ ଆମେ ବହୁ ସମ୍ମାନର ଅଧିକାରୀ ହେବା। - ସକ୍ରେଟିସ୍



# କେନାଲ ନିର୍ମାଣର ମାନ, ସ୍ଥାୟିତ୍ୱ ଉପରେ ପ୍ରଶ୍ନ

## ତିନି ଯନ୍ତ୍ରୀଙ୍କୁ ନୋଟିସ

ଜୟପୁର,୨୪।୧୦(ଡି.ଏନ୍.ଏ.)

କୋରାପୁଟ ଜିଲାର ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପର ନିର୍ମାଣ ଶେଷ ହେବାକୁ ଦୀର୍ଘ ୧୭ ବର୍ଷ ଲାଗିଥିଲା ଗତ ମାର୍ଚ୍ଚ ୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ୨୦୧୯-୨୦ ଖରିଫ ଋତୁ ପାଇଁ କେନାଲ ପାଣି ଛଡ଼ାଯିବାକୁ ଘୋଷଣା କରିଥିଲା ବିଭାଗ। କିନ୍ତୁ ଏହା ପୂର୍ବରୁ କେନାଲରେ କ୍ଷମତାଠାରୁ କମ୍ ପାଣି ଛଡ଼ାଯିବା ବେଳେ ତାହାର ଗୋଟିଏ ପାର୍ଶ୍ୱ ଧସିଯାଇ ଘାଇ ସୃଷ୍ଟି ହୋଇଥିଲା। ଏଥିରେ ଶତାଧିକ ଚାଷଜମି ଜଳମଗ୍ନ ହେବା ପରେ ଯନ୍ତ୍ରୀଙ୍କ କାର୍ଯ୍ୟଧାରା ଓ କେନାଲର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଳସେଚନ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ ଏହି କେନାଲ ଦାୟିତ୍ୱରେ ରହିଥିବା ନିର୍ବାହୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀଙ୍କୁ ନୋଟିସ ତଲବ କରିଛନ୍ତି। ଅନ୍ୟପକ୍ଷରେ ଠିକାସଂସ୍ଥା ନିର୍ମାଣ ବାବଦକୁ ଟଙ୍କା ଉଠାଇ ନେଇଛି।

ରାଜ୍ୟ ସରକାର ୧୨ ଶହରୁ ଉର୍ଦ୍ଧ୍ୱ କୋଟି ଟଙ୍କା ବ୍ୟୟରେ ଚାଷଜମିକୁ ପାଣି ଯୋଗାଇବା ପାଇଁ ୨୦୦୨ରେ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ଦେଇଥିଲେ। ୨୦୦୪ରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୧୯ରେ କାର୍ଯ୍ୟ ସରିବା ପରେ ୨୮ କିଲୋମିଟର ଦୂରତା ବିଶିଷ୍ଟ ଏହି ମୁଖ୍ୟ କେନାଲରେ ଗତ ଅକ୍ଟୋବର ୯ରେ ପ୍ରଥମ ପରୀକ୍ଷଣ ଭାବେ ପାଣି ଛଡ଼ାଯାଇଥିଲା। କିନ୍ତୁ ୧୮ ତାରିଖରେ ଦ୍ୱିତୀୟ ପରୀକ୍ଷଣ ବେଳେ ଅଘଟଣ ଘଟିଲା। ୧୦.୬ ଘନଫୁଟ ଜଳସ୍ରୋତ ସମ୍ଭାଳିବାର କ୍ଷମତା କେନାଲର ରହିଛି। କିନ୍ତୁ ଗତ ୧୮ ତାରିଖ ରାତିରେ କେନାଲରେ କ୍ଷମତାଠାରୁ ଯଥେଷ୍ଟ କମ୍ ୪.୫ ଘନଫୁଟର ପାଣି ଛଡ଼ାଯାଇ ପରୀକ୍ଷଣ କରାଯାଇଥିଲା। କିନ୍ତୁ ଏଥିରେ ବୋରିଗୁମ୍ମା ବ୍ଲକର ଗାଦବାଗୁଡ଼ା ଓ ପକନାଗୁଡ଼ା ମଧ୍ୟରେ ରହିଥିବା ତେଲେଙ୍ଗିରି ଜଳସେଚନ ବିଭାଗ କେନାଲର ଗୋଟିଏ ପାର୍ଶ୍ୱ ପାଣିସ୍ରୋତକୁ ସମ୍ଭାଳି ନ ପାରି ପ୍ରାୟ ୮ରୁ ୧୦ ମିଟର ଘାଇ ସୃଷ୍ଟି ହୋଇଥିଲା। ଏହି ପାଣି ମାଡ଼ିଯାଇ ପ୍ରାୟ ୫୦ ଏକର ଚାଷଜମି ବାଲିଚର ହୋଇଥିଲା। ଯଦ୍ୱାରା ଖରିଫ ଧାନ ନଷ୍ଟ ହୋଇଥିଲା। ଆରମ୍ଭରୁ ଏଭଳି ସମସ୍ୟା ଦେଖାଦେଇଥିବା ବେଳେ ଏହି କେନାଲ ଚାଷୀଙ୍କ କାର୍ଯ୍ୟରେ କେବେ ଆସିବ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ସମୀକ୍ଷା ବୈଠକରେ ମନ୍ତ୍ରୀ ରଘୁନନ୍ଦନ ଦାସ

# 'ଧ-ଟି'କୁ କାମରେ ଲଗାଅ

ଜୟପୁର,୨୪।୧୦(ନି.ପ୍ର.)

ଜଳ ସମ୍ପଦ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଜୟପୁର ବାରିଣୀପୁଟ ସ୍ଥିତ ଆଇବିରେ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି। ଜଳସେଚନକୁ ଗୁରୁତ୍ୱ ଦେବା ପାଇଁ ସରକାର ନେଇଥିବା ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଦାୟିତ୍ୱ ତୁଲାଇବା ବେଳେ 'ଧ-ଟି'କୁ ଗୁରୁତ୍ୱ ଦେବା ପାଇଁ ସେ ପରାମର୍ଶ ଦେଇଛନ୍ତି। ତେଲେଙ୍ଗିରି ଓ କୋଲାବ ପ୍ରକଳ୍ପ ପାଇଁ ରହିଥିବା ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା। କୋଲାବ ପ୍ରକଳ୍ପରେ କେନାଲର ଶେଷମୁଣ୍ଡ ଯାଏ ଜଳ ପହଞ୍ଚି ପାରୁ ନ ଥିବାରୁ ଚାଷ କ୍ଷତିଗ୍ରସ୍ତ ହେଉଛି। ତଳମୁଣ୍ଡକୁ ପାଣି ପହଞ୍ଚିବା ନେଇ ବ୍ୟବସ୍ଥା କରିବା ଉପରେ ଜୋର୍ ଦିଆଯାଇଥିଲା। ଏହି ଅବସରରେ ଜୟପୁର ଖବରଦାତାମାନେ ସ୍ୱାସ୍ଥ୍ୟବୀମା ଯୋଜନାରେ ଥିବା ତ୍ରୁଟି ସୁଧାରିବା ପାଇଁ ଦାବି ସମ୍ବଳିତ ସ୍ମାରକପତ୍ର ଦିଆଯାଇଥିଲା। ସାମ୍ବାଦିକଙ୍କ ସ୍ତ୍ରୀ ଓ ସନ୍ତାନ ସହ ସେମାନଙ୍କ ମା'-ବାପାଙ୍କୁ ମଧ୍ୟ ଏଥିରେ ସାମିଲ କରିବା ପାଇଁ ଦାବିରେ ଉଲ୍ଲେଖ କରାଯାଇଛି। ଏହାପରେ ମନ୍ତ୍ରୀ ଦଳୀୟ କର୍ମୀଙ୍କୁ ନେଇ ବୈଠକ କରିଥିଲେ। ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ, ବିଧାୟକ ରଘୁରାମ ପଡାଲ, ବିଧାୟକ ପ୍ରୀତମ ପାଢ଼ୀ, ପୂର୍ବତନ ବିଧାୟକ ପ୍ରଫୁଲ ପାଙ୍ଗି, ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ବରିଷ୍ଠ ନେତା ଅନୁପ ପାତ୍ର, ବାଲା ରାୟ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଜୟପୁର ନାଗରିକ କମିଟି ଜଗନ୍ନାଥ ସାଗର ପୁନରୁଦ୍ଧାର ପାଇଁ ଏକ ଦାବିପତ୍ର ଦେଇଥିଲେ। ଏଥିରେ ସୌମ୍ୟରଞ୍ଜନ ସାହୁ, ଚିତ୍ତରଞ୍ଜନ ଚୌଧୁରୀ, ସୁମନ୍ତ ସାହୁ, ଟି. ଗୌରୀଶଙ୍କର, କିରଣ ରଞ୍ଜନ ଦାସ, ମଧୁସ୍ମିତା ମିଶ୍ର, ସୁକାନ୍ତ ବେହେରା, ଶ୍ରୀକାନ୍ତ ସାହୁ ଉପସ୍ଥିତ ଥିଲେ।



ଜଳ ସମ୍ପଦ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗମନ୍ତ୍ରୀ ରଘୁନନ୍ଦନ ଦାସ ସ୍ଥାନୀୟ ନେତୃବୃନ୍ଦଙ୍କ ସହ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ୫୬୬.୭ ମିମି ବର୍ଷା ରେକର୍ଡ଼

କୋରାପୁଟ,୨୪।୧୦(ସ୍ୱ.ପ୍ର.): କୋରାପୁଟ ଜିଲାରେ ଗୁରୁବାର ୫୬୬.୭ ମିମି ବର୍ଷା ହୋଇଛି। ବନ୍ଧୁଗାଁ ବ୍ଲକରେ ସର୍ବାଧିକ ୧୧୪ ମିମି ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ ଜଣାପଡ଼ିଛି। ସେଥିମଧ୍ୟରୁ କୋରାପୁଟ ବ୍ଲକରେ ୨୨ ମିମି ବର୍ଷା, ଲମତାପୁଟ ବ୍ଲକରେ ୪୬.୧ ମିମି, ପଟ୍ଟାଙ୍ଗି ବ୍ଲକରେ ୫୫ ମିମି, ନନ୍ଦପୁର ବ୍ଲକରେ ସର୍ବାଧିକ ୬୮.୪ ମିମି, ଦଶମନ୍ତପୁର ବ୍ଲକରେ ୨୦ ମିମି, ନାରାୟଣପାଟଣାରେ ୮୫.୬ ମିମି, ଲକ୍ଷ୍ମୀପୁର ବ୍ଲକରେ ୬୪ ମିମି, ସେମିଳିଗୁଡ଼ା ବ୍ଲକରେ ୬୫ ମିମି, ଜୟପୁର ବ୍ଲକରେ ୬.୪ ମିମି, କୋଟପାଡ଼ରେ ୪.୨ ମିମି, କୁନ୍ଦୁରା ବ୍ଲକରେ ୪ ମିମି, ବୈପାରିଗୁଡ଼ା ବ୍ଲକରେ ୧୨ ମିମି ବର୍ଷା ହୋଇଛି। ବୋରିଗୁମ୍ମା ବ୍ଲକରେ ଆଦୌ ବର୍ଷା ହୋଇ ନ ଥିବା ଜିଲା ଜରୁରୀ ବିଭାଗ ଅଧିକାରୀ ସିର୍ଦ୍ଧାଥ ପଟ୍ଟନାୟକ ପ୍ରକାଶ କରିଛନ୍ତି।

### କଂଗ୍ରେସ ପ୍ରସ୍ତୁତି ବୈଠକ

ଦଶମନ୍ତପୁର,୨୪।୧୧(ଡି.ଏନ୍.ଏ.): ଦଶମନ୍ତପୁର ବ୍ଲକ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ବସିଛି। ଜିଲା କାର୍ଯ୍ୟକାରୀ ସଭାପତି ରୂପକ ତୁରୁକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ସଭାପତି ହେମନ୍ତ ଖରା, ବରିଷ୍ଠ କଂଗ୍ରେସ ନେତା ଦିଲ୍ଲୀପ ବାଘ, ସେବାଦଳର ସଭାପତି ସୁବାସ ଖୋସ୍‌ଲାଙ୍କ ସମେତ ୧୬ଟି ପଞ୍ଚାୟତର ସଭାପତି ଏବଂ ଦଳୀୟ କର୍ମୀମାନେ ଯୋଗ ଦେଇଥିଲେ। ନଭେମ୍ବର ୨୯ରେ ଏମ୍‌ପିଙ୍କ ଗସ୍ତ ଓ ଆଗାମୀ ଜିଲା ପରିଷଦ ନିର୍ବାଚନ ପାଇଁ ପ୍ରସ୍ତୁତି ଜୋରଦାର କରିବା ପାଇଁ ଏହି ବୈଠକ ହୋଇଥିଲା। ମତାନ୍ତର ଭୁଲି ଭାଇଚାରା ସ୍ଥାପନ କରି ଏକତାର ସହ ଦଳକୁ ସୁଦୃଢ଼ କରିବା ଓ ଜିଲା ପରିଷଦ ଆସନ ଅକ୍ତିଆର କରିବା ପାଇଁ କର୍ମୀମାନଙ୍କୁ ଜିଲା କାର୍ଯ୍ୟକାରୀ ସଭାପତି ତୁରୁକ ଆହ୍ୱାନ ଦେଇଥିଲେ। ଦଳ ପାଇଁ ଲଢ଼ିବାକୁ ସମସ୍ତେ ଶପଥ ପାଠ କରିଥିଲେ।

### ଗାଁ ବୁଲି ଲୋକଙ୍କ ସମସ୍ୟା ଶୁଣିଲେ ପ୍ରଭୁ



କୋରାପୁଟ,୨୪।୧୦(ସ୍ୱ.ପ୍ର.): ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ ଜିଲାର ନାରାୟଣପାଟଣା ବ୍ଲକ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସମସ୍ୟା ଶୁଣିଛନ୍ତି। ବିଧାୟକ ଜାନି ନାରାୟଣପାଟଣାର ତେନ୍ତୁଲିପଦର ପଞ୍ଚାୟତରେ ଆୟୋଜିତ ଏକ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଯୋଗଦେଇ ଗ୍ରାମବାସୀଙ୍କ ଗମନାଗମନ, ପାନୀୟ ଜଳ, ସ୍ୱାସ୍ଥ୍ୟ, ଜଳସେଚନ, ସାମାଜିକ କଲ୍ୟାଣ ସମସ୍ୟା ଆଲୋଚନା କରି ତାହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବିଧାୟକ ବାଲିପେଟା ବିଦ୍ୟାଳୟ ଯାଇ ଛାତ୍ରୀଛାତ୍ରୀଙ୍କୁ ଭଲ ପାଠ ପଢ଼ିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ କେତେକ ଛାତ୍ର ବିଦ୍ୟାଳୟରେ ରହିଥିବା ବିଭିନ୍ନ ସମସ୍ୟା ବିଧାୟକଙ୍କ ଦୃଷ୍ଟିକୁ ଆଣିଥିଲେ। ଏହି ଗସ୍ତ ଅବସରରେ ନାରାୟଣପାଟଣା ବ୍ଲକ ବିଜେଡି ସଭାପତି କେ. ସାୟ୍ୟା ରାଜୁ, ନାରାୟଣପାଟଣା ଜିଲା ପରିଷଦ ସଦସ୍ୟ ଲଳିତ ପରିଡ଼ା ଉପସ୍ଥିତ ଥିଲେ।

# ୪ ଜଣ ନକଲି ମାଓବାଦୀ ଗିରଫ



ଗିରଫ ଅଭିଯୁକ୍ତମାନେ।

ଲକ୍ଷ୍ମୀପୁର,୨୪।୧୦(ଡି.ଏନ୍.ଏ.)

ଲକ୍ଷ୍ମୀପୁର ଓ ନାରାୟଣପାଟଣା ବ୍ଲକରେ ମାଓବାଦୀଙ୍କ ନାମରେ ଅର୍ଥ ଆଦାୟ କରୁଥିବା ଅଭିଯୋଗରେ କାକିରିଗୁମ୍ମା ପୋଲିସ ୪ ଜଣ ନକଲି ମାଓବାଦୀଙ୍କୁ ଗିରଫ କରିଛି। ସେମାନେ ହେଲେ ସେମିଳିଗୁଡ଼ା ବ୍ଲକ ଉପରେ କାଣ୍ଟି ଗ୍ରାମର ଗୋବିନ୍ଦ ଜାନି (୨୨), ପ୍ରମୋଦ ତାଡିଙ୍ଗି (୨୪), ଝୋଲିଗୁଡା ଗ୍ରାମର ତ୍ରିନାଥ ପୂଜାରୀ (୨୮), ରାଜୁ ପୂଜାରୀ (୨୦)। ଏମାନଙ୍କଠାରୁ ମାଓବାଦୀ ପୋଷ୍ଟର, ଦେଶୀ ବନ୍ଧୁକ, ମୋବାଇଲ, ନଗଦ ୩୦ ହଜାର ଟଙ୍କା, ବାଇକ ଜବତ କରାଯାଇଛି। ଏ ନେଇ କାକିରିଗୁମ୍ମା ଥାନାରେ କେସ୍ ନଂ ୫୮/୧୯ରେ ମାମଲା ରୁଜୁ ହୋଇଛି। ଗୁରୁବାର ଅପରାହ୍ନରେ ଲକ୍ଷ୍ମୀପୁର ଏସ୍‌ଡିପିଓ ଅଶ୍ୱିନୀ ନାୟକ ନିଜ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗିରଫ ଅଭିଯୁକ୍ତମାନେ ଲକ୍ଷ୍ମୀପୁର ବ୍ଲକ ଭିତରଗଡ଼ ସରପଞ୍ଚ ଶ୍ରୀଧର ଜାନିଙ୍କୁ ମାଓବାଦୀ ପୋଷ୍ଟର ଦ୍ୱାରା ଭୟଭୀତ କରାଇ ଅକ୍ଟୋବର ୨ରେ ଉପରକାଣ୍ଟି ଘାଟରେ ୫୦ ହଜାର ଟଙ୍କା ନେଇଛନ୍ତି। ନାରାୟଣପାଟଣା ଅଞ୍ଚଳର ମଧ୍ୟ କେତେକ ଜନ ପ୍ରତିନିଧି ଓ ଠିକାଦାରଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ଖବରଦାତା ସମ୍ମିଳନୀରେ କାକିରିଗୁମ୍ମା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ, ଏସ୍‌ଆଇ ହିମାଂଶୁ ଶେଖର ଉପସ୍ଥିତ ଥିଲେ।

## ମରଣାନ୍ତକ ଆକ୍ରମଣ ଘଟଣା

# ଓମ୍‌ଟାର ଦ୍ୱାରସ୍ଥ ହେଲେ ଡାକ୍ତର

## ଅଭିଯୁକ୍ତ ଖୁବ୍‌ଶୀଘ୍ର ଗିରଫ ହେବେ: ଥାନା ଅଧିକାରୀ

ଭୁବନେଶ୍ୱର,୨୪।୧୦(ବ୍ୟୁରୋ)

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ଶିଶୁ ବିଭାଗରେ କାର୍ଯ୍ୟରତ ଡାକ୍ତର ଦେବବ୍ରତ ସାମଲଙ୍କୁ ଆକ୍ରମଣ ଘଟଣାରେ ଏଯାବତ୍ ପୋଲିସ ହାତ ଖାଲି ରହିଛି। ଅଭିଯୁକ୍ତମାନଙ୍କ ଗିରଫ କରିପାରିନାହିଁ। ମରଣାନ୍ତକ ଆକ୍ରମଣ ହୋଇଥିବା ବେଳେ ଡାକ୍ତରଙ୍କ ଜୀବନ ପ୍ରତି ବିପଦ ରହିଥିବାରୁ ସେ ଓଡ଼ିଶା ମେଡିକାଲ ଟିଚର୍ସ ଆସୋସିଏସନ (ଓମାଟା)କୁ ଜଣାଇଛନ୍ତି। ଅଭିଯୋଗର ନକଲ ମେଡିକାଲ ଅଧୀକ୍ଷକଙ୍କୁ ମଧ୍ୟ ଦେବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି।

ଡାକ୍ତର ସାମଲ ଦର୍ଶାଇଛନ୍ତି, ଗତ ୨୨ ତାରିଖ ରାତି ସାଢ଼େ ୧୦ଟାରେ ସେ ହସ୍ପିଟାଲରେ କାର୍ଯ୍ୟରତ ଥିଲେ। ଶିଶୁ ବିଭାଗ ବେଡ ନଂ ୮୩ରେ ଚିକିତ୍ସିତ ଜଣେ ଶିଶୁର ଜ୍ୱର ନ କମିବାରୁ ତାଙ୍କର ଜଣାଶୁଣା ୨୫ ଜଣ ବ୍ୟକ୍ତି ହସ୍ପିଟାଲରେ ପହଞ୍ଚିଥିଲେ। ନର୍ସିଂ ୱାର୍ଡରେ ପଶି ସେମାନେ ଗାଳିଗୁଲଜ କରିବା ପରେ ଉକ୍ତ ଶିଶୁର ସମସ୍ତ ଚିକିତ୍ସା କରାଯାଇଥିଲା। କିନ୍ତୁ ପରେ ସେମାନେ ଉଗ୍ର ହୋଇଉଠିଥିଲେ। ଡାକ୍ତରଙ୍କ ରୁମରେ ୨୦ରୁ ୨୫ ଲୋକ ପଶିବା ସହ ଜଣେ ମହିଳା ତାଙ୍କ ମୋବଇଲ ଲୁଟି ନେଇଥିଲେ। ତାଙ୍କ ତଣ୍ଟିକୁ କେତେକ ଅଭିଯୁକ୍ତ ଚିପି ଦେଇଥିଲେ। ଫଳରେ ସେ ୧୫ ମିନିଟ ପର୍ଯ୍ୟନ୍ତ ଅଚେତ ହୋଇଯାଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୁକ୍ତମାନେ ଯିବା ବେଳେ ତାଙ୍କୁ ହତ୍ୟା ଧମକ ଦେଇଥିଲେ। ଏ ନେଇ ଥାନା ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଡାକ୍ତରଙ୍କ ଅଭିଯୋଗ କ୍ରମେ କେସ୍ ନଂ ୨୫୯/୧୯ରେ ଏକ ମାମଲା ରୁଜୁ ହୋଇଛି। ସିସିଟିଭି ଫୁଟେଜ ଆଧାରରେ ଘଟଣାର ତଦନ୍ତ ଚାଲିଛି। ସେଥିରେ କେତେକ ଯୁବକଙ୍କ ଚେହେରା ସ୍ପଷ୍ଟ ହେଉନାହିଁ। ତେଣୁ ସିକ୍ୟୁରିଟି ଓ ଅନ୍ୟ କର୍ମଚାରଙ୍କ ବୟାନ ରେକର୍ଡ କରାଯାଉଛି।

## ଅପହରଣର ଗୋଟିଏ ଦିନ ପରେ ପୋଲିସକୁ ସଫଳତା

# ଯୁବକ ଉଦ୍ଧାର, ୬ ଅଭିଯୁକ୍ତ ଗିରଫ

ଜୟପୁର,୨୪।୧୦(ଡି.ଏନ୍.ଏ./ନି.ପ୍ର.)

ହରିୟାଣାର ଜଣେ ଯୁବକଙ୍କୁ ଅପହରଣ କରାଯିବାର ମାତ୍ର ଗୋଟିଏ ଦିନରେ ତାଙ୍କୁ ଉଦ୍ଧାର କରିଛି ଜୟପୁର ଟାଉନଥାନା। ଜୟପୁର ସଦରଥାନା ଦୁବୁଲି ଗ୍ରାମର ଏକ ଘରୁ ଫରିଦାବାଦ ସହରର ପ୍ରମୋଦ ଯାଦବଙ୍କୁ ଅକ୍ଷତ ଅବସ୍ଥାରେ ଉଦ୍ଧାର କରାଯାଇଛି। ସେହିପରି ଅପହରଣରେ ସମ୍ପୃକ୍ତ ଥିବା ୬ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ। ସେମାନେ ହେଲେ ଜୟପୁର ସଦରଥାନା ଗଡ଼ପଦରର ଗୌରବ ହରିଜନ (୨୧), ନବୀନ ବେନିଆ (୩୨), ଡମ୍ବରୁ ବେନିଆ (୨୩), ବାରିଣିପୁଟର ରୋହିତ ମେନନ (୨୦), ଜୟପୁର ଟାଉନଥାନା ଖାଲ ସାହିର ସଞ୍ଜୟ ସାହା (୨୭) ଏବଂ ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ଟିକରପଡ଼ା ଷ୍ଟେସନ ସାହିର ନରେନ୍ଦ୍ର କୌଶଲ୍ୟା (୨୧)।

ସୂଚନା ଅନୁଯାୟୀ, ପ୍ରମୋଦ ଗଞ୍ଜେଇ ଚାଲାଣ ମାମଲାରେ କୋର୍ଟରେ ହାଜର ହେବା ପାଇଁ ସୋମବାର ଜୟପୁର ଆସିଥିଲେ। ମଙ୍ଗଳବାର କୋର୍ଟକାମ ସରିବା ପରେ ଜୟପୁର ସରକାରୀ ବସ୍‌ଷ୍ଟାଣ୍ଡରେ ଘରକୁ ଫେରିବା ପାଇଁ ଅପେକ୍ଷା କରିଥିଲେ। ପୂର୍ବରୁ ଜୟପୁର ଜେଲରେ ଅନ୍ତେବାସୀ ଥିବାବେଳେ ତାଙ୍କ ସହ ବନ୍ଧୁତା କରିଥିବା ଡମ୍ବରୁ ଓ ରୋହିତ ତାଙ୍କ ପାଖକୁ ଆସି ଚା ପିଇବାକୁ କହି ବାଇକ୍‌ରେ ଅପହରଣ କରିନେଇଥିଲେ। ପରେ ତାଙ୍କ ଭାଇଙ୍କୁ ଫୋନ୍‌କରି ୧ ଲକ୍ଷ ଟଙ୍କା ଦାବି କରାଯାଇଥିଲା। ନଚେତ୍ ପ୍ରମୋଦଙ୍କୁ ହତ୍ୟା କରିବାକୁ ଧମକ ଦିଆଯାଇଥିଲା। ପ୍ରମୋଦଙ୍କ ଭାଇ ଜୟପୁରସ୍ଥିତ ଆଇନଜୀବୀ ବିଜୟ ରାୟଜେନା ଦେଓଙ୍କୁ ସବୁ କଥା କହିବା ପରେ ସେ ଧମକ ଦେଇଥିବା ଫୋନ୍‌କୁ କଲ୍ କରିଥିଲେ। ଏହାପରେ ଫୋନ୍ ସୁଇଚ୍ ଅଫ୍ ହୋଇଯାଇଥିଲା। ଆଇନଜୀବୀ ଜେନାଦେଓ ଟାଉନଥାନାରେ ଏତଲା ଦେବା ପରେ ଏସ୍‌ଆଇ ସୀମା ସଙ୍ଗିତା ଲୁଗୁନଙ୍କ ନେତୃତ୍ୱରେ ପୋଲିସ ଟିମ୍ ମୋବାଇଲ ଟ୍ରାକ୍ କରି ଅପହର୍ତ୍ତାଙ୍କୁ ରଖାଯାଇଥିବା ଦୁବୁଲି ଗ୍ରାମରେ ଚଢ଼ାଉ କରିଥିଲା।



ଗିରଫ ଅଭିଯୁକ୍ତମାନେ।

### ୧୦୦ ଟଙ୍କା ଦେଲେ ବସୁଛି ମିଟର

ଦଶମନ୍ତପୁର,୨୪।୧୦(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତ ଶୁକ୍ରାପୁଟ ଗ୍ରାମରେ ବିଦ୍ୟୁତ ମିଟର ବସାଇବା ପାଇଁ ଜୋର୍ ଜବରଦସ୍ତ ବଟି ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଏହି ଗ୍ରାମରେ ପ୍ରାୟ ୯୫ ପରିବାର ବସବାସ କରନ୍ତି। ରାଜୀବ ଗାନ୍ଧୀ ଗ୍ରାମ୍ୟ ବିଦ୍ୟୁତିକରଣ ଯୋଜନାରେ ଏହି ଗ୍ରାମର ପ୍ରତ୍ୟେକ ବିପିଏଲ୍ ହିତାଧିକାରୀଙ୍କୁ ସାମିଲ କରାଯାଉଛି। ଏକ ଠିକାସଂସ୍ଥା ବିଦ୍ୟୁତ ସଂଯୋଗ କରିବା ପାଇଁ କାର୍ଯ୍ୟ କରୁଛି। କିନ୍ତୁ ଏହି ମାଗଣା ସେବାରେ ହିତାଧିକାରୀଙ୍କଠାରୁ ଜୋର୍ ଜବରଦସ୍ତ ୧୦୦ ଟଙ୍କା ଲେଖାଏ ଆଦାୟ କରାଯାଉଛି। ଅର୍ଥ ନ ଦେଲେ ବିଦ୍ୟୁତ ସଂଯୋଗ କରାଇଦେବୁ ନାହିଁ ବୋଲି ଠିକାସଂସ୍ଥାର କର୍ମଚାରୀ କହୁଛନ୍ତି। ଏପରିକି ଲଗାଯାଇଥିବା ମିଟର୍ ବାକ୍ସକୁ ମଧ୍ୟ ତାଡ଼ି ନେଇଯାଉଥିଲେ ବୋଲି ଗ୍ରାମର ହରି ନାୟକ, ନବିନ ନାୟକ, ସୁରେନ୍ଦ୍ର ଦଳାଇ, ଅନିରୁଦ୍ଧ ଲମତା, ଖିର ଲମତା, ଲଳିତା ଲମତା, ସାବିତ୍ରୀ ନାୟକ, ସୁନାଦେଇ ଲମତା, ରାଇବାଲି ନାୟକ କହିଛନ୍ତି। ୧୦୦ ଟଙ୍କା ଲେଖାଏ ଦେଇଥିବା ୬୦ ହିତାଧିକାରୀ ଏଭଳି ଅଭିଯୋଗ କରିଛନ୍ତି। ଦଶମନ୍ତପୁର ପଞ୍ଚାୟତ ପେଡିସିଲ ଗ୍ରାମବାସୀଙ୍କଠାରୁ ମଧ୍ୟ ବିଦ୍ୟୁତ ସଂଯୋଗ ନାଁରେ ଏହିଭଳି ବଟି ନିଆଯାଉଥିବା ଜଣାପଡ଼ିଛି।

### ଅଶୋକ ଦାଦାଙ୍କ ଜନ୍ମ ଦିବସ ପାଳିତ

କୋଲାବନଗର,୨୪।୧୦(ଡି.ଏନ୍.ଏ.)

କୋଲାବନଗରସ୍ଥିତ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ କେନ୍ଦ୍ରରେ ଆଚାର୍ଯ୍ୟଦେବ ଅଶୋକ ଦାଦାଙ୍କ ୮୭ତମ ଜନ୍ମଦିବସ ପାଳିତ ହୋଇଛି। ସକାଳେ ସତ୍‌ସଙ୍ଗକୁ ସନ୍ତୋଷ ଖଣ୍ଡାଇ ପରିଚାଳନା କରିଥିଲେ। ଗୁରୁଭାଇ କାଳୁ ଚରଣ ପାଣିଗ୍ରାହୀ ଠାକୁର, ବଡ଼ମା, ବଡ଼ଦାଙ୍କୁ ପବିତ୍ର ନୂତନ ବସ୍ତ୍ର ପରିଧାନ କରାଇଥିଲେ। ଗୁରୁମା' ଭାଗ୍ୟଦେବୀ ପୁଷ୍ପମାଲ୍ୟରେ ବିଗ୍ରହମାନଙ୍କୁ ସଜ୍ଜିତ କରିଥିଲେ। ପରେ ଭଜନ କୀର୍ତ୍ତନରେ କୈଳାସ ଭାଇଙ୍କ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଖଣ୍ଡେୟୀ ଭାଇ, ଗୁରୁଭାଇ ସୁବାସ ଚନ୍ଦ୍ର ପଟ୍ଟନାୟକ, କୈଳାସ ଚନ୍ଦ୍ର ପଣ୍ଡା, ହୃଷୀକେଶ ସାମଲ, ଅକ୍ଷୟ କୁମାର ସାହୁ, ଶ୍ରୀବତ୍ସ ସାହୁ, ନବୀନ ଚନ୍ଦ୍ର ଖଟୁଆ, ଗୟାଧର ସାହୁ ଅଂଶଗ୍ରହଣ କରିଥିଲେ।

# ବ୍ଲକସ୍ତରୀୟ ସୁରଭି: ଭାଗନେଲେ ୨୧୦ ଛାତ୍ରୀଛାତ୍ର

କୁନ୍ଦୁରା,୨୪।୧୦(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକ ସ୍ଥିତ କାଉଡିଗୁଡ଼ା ଉଚ୍ଚ ବାଳିକା କନ୍ୟାଶ୍ରମରେ ଚାଲିଥିବା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ବିଇଓ ବିଚିତ୍ରାନନ୍ଦ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କୁନ୍ଦୁରା ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପରଜା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ବିଇଓ ବିନୋଦ ଚନ୍ଦ୍ର ପଟ୍ଟନାୟକ ମୁଖ୍ୟବକ୍ତା, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ପଦ୍ମା ହରିଜନ, ଏବିଇଓ ତିଳୋତ୍ତମା ଗରଡ଼ା, ଏବିଇଓ ପପେୟା ବେହେରା, ଏବିଇଓ ବନମାଳୀ ନାୟକ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ହରିଜନ, ସମ୍ପାଦକ ନୟନ ବିଶୋୟୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ୨୧୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବ୍ଲକସ୍ତରରୁ ମନୋନୀତ ହୋଇଥିବା କୃତୀ ପ୍ରତିଯୋଗୀ ନଭେମ୍ବର ୪ରେ ହେବାକୁ ଥିବା ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗନେବେ।





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ବନ୍ଦ ହେବା ସ୍ଥିତିରେ ପ୍ରାଥମିକ ବିଦ୍ୟାଳୟ

ସୁନାବେଡ଼ା,୨୪।୧୦(ଡି.ଏନ୍.ଏ.)

### ଇନ୍ଦିରା କଲୋନୀ



- ବର୍ତ୍ତମାନ ପାଠ ପଢୁଛନ୍ତି ୧୪ ପିଲା
- ୫ ଜଣ କେବେକେବେ ପଢ଼ିବାକୁ ଆସୁଛନ୍ତି
- ୩ ଥିଲେ, ଏବେ ଜଣେ ଶିକ୍ଷୟିତ୍ରୀ

ସୁନାବେଡ଼ାର ଇନ୍ଦିରା କଲୋନୀ ପ୍ରାଥମିକ ବିଦ୍ୟାଳୟ ବର୍ତ୍ତମାନ ଶୋଚନୀୟ ଅବସ୍ଥା ଦେଇ ଗତି କରୁଛି। ସ୍ଥାନୀୟ ବିଜୁ କଲୋନୀ ଓ ଇନ୍ଦିରା କଲୋନୀର ପିଲାମାନଙ୍କ ଶିକ୍ଷାର ଉନ୍ନତି ପାଇଁ ୨୦୧୨ରେ ଏହି ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ପୂର୍ବରୁ ଏଠାରେ ୫୦ ଜଣ ଛାତ୍ରୀଛାତ୍ର ପଢୁଥିବା ବେଳେ ସେମାନଙ୍କ ପାଇଁ ୩ ଜଣ ଶିକ୍ଷୟିତ୍ରୀ ଓ ଜଣେ ମଧ୍ୟାହ୍ନଭୋଜନ ପାଚିକା ରହିଥିଲେ। କିନ୍ତୁ ଧୀରେଧୀରେ ପିଲାଙ୍କ ସଂଖ୍ୟା କମିବାକୁ ଲାଗିଲା। ଫଳରେ ୭ ବର୍ଷ ପରେ ବର୍ତ୍ତମାନ ୧୪ ଜଣ ପିଲା, ଜଣେ ଶିକ୍ଷୟିତ୍ରୀ ଓ ଜଣେ ମଧ୍ୟାହ୍ନଭୋଜନ ପାଚିକା ଅଛନ୍ତି। ୧୪ ଜଣ ପିଲାଙ୍କ ମଧ୍ୟରୁ ୫ ଜଣ ପାଠ ପଢ଼ିବାକୁ କେବେ କେବେ ଆସୁଛନ୍ତି। ଏକମାତ୍ର ଶିକ୍ଷୟିତ୍ରୀ ଜଣଙ୍କର ପାଠପଢ଼ାକୁ ନେଇ ଅଭିଭାବକମାନେ ସନ୍ତୁଷ୍ଟ ନୁହନ୍ତି। ସ୍ଥାନୀୟ ଅଞ୍ଚଳର ୨୨ଟି ପ୍ରାଥମିକ ବିଦ୍ୟାଳୟ ଦାୟିତ୍ୱରେ ଥିବାଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶରତ କୁମାର ସିଂ କହିଛନ୍ତି, ୧୦ରୁ କମ୍ ଛାତ୍ରୀଛାତ୍ର ଥିଲେ ବିଦ୍ୟାଳୟରେ ତାଲା ଝୁଲିବ। ତେବେ ଏହି ବିଦ୍ୟାଳୟ ବନ୍ଦ ନ ହେବା ପାଇଁ ବୈଠକ ବସିଥିଲା। ସେଥିରେ କୋରାପୁଟ ଜିଲା ଦଳିତ ସମାଜ ବିକାଶ ପରିଷଦ ସଭାପତି ଡମ୍ବରୁ କୁଲଦିପ୍, ସମ୍ପାଦକ ଲୋକନାଥ କଣ୍ଟା, ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଥିକା ଚକ୍ରବର୍ତ୍ତୀ, ସଂଯୋଜକ ଶରତ କୁମାର ସିଂ, ମଧ୍ୟାହ୍ନଭୋଜନ ପାଚିକା କୁନି ବେନିଆ, ଗାଁର ମୁଖିଆ କିଶୋର ବେନିଆ, ବୟୋଜ୍ୟେଷ୍ଠ ଜନାର୍ଦ୍ଦନ ମିଶ୍ର, ଉଦ୍ଧବ କୁଲଦିପ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ବିଥିକା ଚକ୍ରବର୍ତ୍ତୀ କହିଛନ୍ତି, ଏହାର ସମାଧାନ ପାଇଁ ସେ ଘରେ ଘରେ ଯାଇ ଅଭିଭାବକଙ୍କୁ ବୁଝାଇ ଆସୁଛନ୍ତି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶରତ କୁମାର ସିଂ କହିଛନ୍ତି, ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସେ ବହୁଥର ଚିଠି କଲେଣି। ୩ ବର୍ଷ ମଧ୍ୟରେ କୌଣସି ପ୍ରକାର ଚିଠିର ଉତ୍ତର ମିଳିନାହିଁ। ପାଚିକା କୁନି ବେନିଆ କହିଛନ୍ତି, ବିଦ୍ୟାଳୟରେ ପିଲାଙ୍କ ପାଇଁ କୌଣସି ପ୍ରକାର ଶୈକ୍ଷିକ ସୁବିଧା ନ ଥିବାରୁ ଧୀରେଧୀରେ ଅଭିଭାବକମାନେ ନିଜ ପିଲାଙ୍କୁ ଏଠାରୁ ୧ କିମି ଦୂରରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ପଠାଉଛନ୍ତି। ଇନ୍ଦିରା କଲୋନି ଗାଁ ମୁଖିଆ କହିଛନ୍ତି, ତାଙ୍କର ଦୁଇ ଦୁଇଟି ପିଲା ଏହି ବିଦ୍ୟାଳୟରୁ ପାଠ ପଢ଼ି ବର୍ତ୍ତମାନ ଉଚ୍ଚଶିକ୍ଷା କରୁଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ମନମାଳିନ୍ୟ ସହ ରାଜନୀତି, କଲୋନୀର କେନ୍ଦ୍ରରେ ବିଦ୍ୟାଳୟଟି ଥାଇ ମଧ୍ୟ ଅଭିଭାବକଙ୍କ ଅଣଦେଖା ଯୋଗୁ ଏହା ବନ୍ଦ ହେବାକୁ ବସିଲାଣି।

# କୋରାପୁଟ ଜିଲାରେ ଶିକ୍ଷକ ଅଭାବ

- ପ୍ରାଥମିକ, ଉଚ୍ଚ ପ୍ରାଥମିକ ସ୍ତରରେ ୭୮୬ ପଦବୀ ଖାଲି
- ଉଚ୍ଚ ବିଦ୍ୟାଳୟରେ ୫୩୭ ଶିକ୍ଷକ ପଦବୀ ଖାଲି ପଡ଼ିଛି

କୋରାପୁଟ,୨୪।୧୦(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଥିବା ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ୭୮୬ଟି ଶିକ୍ଷକ ପଦବୀ ଖାଲି ରହିଛି। ସେହିପରି ଉଚ୍ଚ ବିଦ୍ୟାଳୟ ସ୍ତରରେ ୫୩୭ଟି ଶିକ୍ଷକ ପଦବୀ ଖାଲି ପଡ଼ିଥିବା ଯୋଗୁ ଜିଲାରେ ଶିକ୍ଷାଦାନରେ ବାଧା ଉପୁଜିଛି। ଜିଲାରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ମଞ୍ଜୁରପ୍ରାପ୍ତ ସମୁଦାୟ ୪୯୦୫ ଶିକ୍ଷକଙ୍କ ମଧ୍ୟରୁ ବର୍ତ୍ତମାନ ୪୧୧୯ ଜଣ କାର୍ଯ୍ୟରତ ଅଛନ୍ତି। ବଳକା ୭୮୬ଟି ଶିକ୍ଷକ ପଦବୀ ଖାଲି ପଡ଼ିଛି । ସେହିପରି ଉଚ୍ଚ ବିଦ୍ୟାଳୟସ୍ତରରେ ମଞ୍ଜୁରପ୍ରାପ୍ତ ସମୁଦାୟ ୧୫୮୪ଟି ଶିକ୍ଷକଙ୍କ ମଧ୍ୟରୁ ବର୍ତ୍ତମାନ ୧୦୪୭ ଶିକ୍ଷକ କାର୍ଯ୍ୟରତ ଥିବାବେଳେ ୫୩୭ଟି ଶିକ୍ଷକ ପଦବୀ ଖାଲି ପଡ଼ିଛି। ସେଥିରୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଞ୍ଜୁରପ୍ରାପ୍ତ ୧୩୦୧ ଶିକ୍ଷକଙ୍କ ମଧ୍ୟରୁ ୮୧୧ ଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ୪୯୦ଟି ଶିକ୍ଷକ ପଦବୀ ଖାଲି ରହିଥିବା ଜଣାପଡ଼ିଛି। ସେହିପରି ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ସମୁଦାୟ ୮୩ଟି ଶିକ୍ଷକ ପଦବୀ ମଧ୍ୟରୁ ବର୍ତ୍ତମାନ ୫୯ ଜଣ ଶିକ୍ଷକ ରହିଥିବାବେଳେ ୨୪ଟି ଶିକ୍ଷକ ପଦବୀରେ କେହି ନାହାନ୍ତି। ବ୍ଲକଗ୍ରାଣ୍ଟ ଉଚ୍ଚ ବିଦ୍ୟାଳୟରେ ମଞ୍ଜୁରପ୍ରାପ୍ତ ୨୦୦ ଜଣ ଶିକ୍ଷକ ପଦବୀରୁ ବର୍ତ୍ତମାନ ୧୭୭ ଜଣ ଶିକ୍ଷକ କାର୍ଯ୍ୟରତ ଥିବାବେଳେ ୨୩ଟି ଶିକ୍ଷକ ପଦବୀ ଖାଲି ପଡ଼ିଛି। ଉଲ୍ଲେଖଯୋଗ୍ୟ, ଜିଲାରେ ୧୫୭୪ଟି ପ୍ରାଥମିକ ବିଦ୍ୟାଳୟ, ୮୩୯ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୩୧୪ଟି ମାଧ୍ୟମିକ ବିଦ୍ୟାଳୟ ଏପରି ମୋଟ ୨୭୨୭ଟି ବିଦ୍ୟାଳୟ ରହିଛି। ୨୭ଟି ବାଳିକା ବିଦ୍ୟାଳୟ ରହିଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି। କୋରାପୁଟ ଜିଲାରେ ଏତେ ସଂଖ୍ୟାରେ ଶିକ୍ଷକ ପଦବୀ ଖାଲି ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାହତ ହେଉଛି। ରାଜ୍ୟ ସରକାର ତୁରନ୍ତ ଏସବୁ ଶିକ୍ଷକ ନିଯୁକ୍ତି ଦେବା ପାଇଁ ଦାବି ହୋଇଛି।

# ଆବେଦନ ସତ୍ତ୍ୱେ ଅପହଞ୍ଚ 'କାଳିଆ'

## ଆର୍ଥିକ ସହାୟତାରୁ ବଞ୍ଚିତ ୨ ଗରିବ ଚାଷୀ

ଜୟପୁର,୨୪।୧୦(ଡି.ଏନ୍.ଏ.)


କାଳିଆ ଯୋଜନାରୁ ବଞ୍ଚିତ ଦୁଇ ଗରିବ ଚାଷୀ ମନ ଗାଦବା ଓ ଧନପତି ହରିଜନ।

ଜୟପୁର ବ୍ଲକ ଟାଙ୍କୁଗୁଡ଼ା ଗ୍ରାମର ଦୁଇଜଣ ଗରିବ ଚାଷୀଙ୍କ ନାମ କାଳିଆ ଯୋଜନାରେ ନାହିଁ। ପଞ୍ଚାୟତ କାର୍ଯ୍ୟାଳୟରେ ବାରମ୍ବାର ଆବେଦନ ଫର୍ମ ସହ ସମସ୍ତ କାଗଜପତ୍ର ଦେଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ତେଣୁ ସେମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗପତ୍ର ଦେଇଛନ୍ତି। ଟାଙ୍କୁଗୁଡ଼ାର ମନ ଗାଦବା ଓ ଧନପତି ହରିଜନ। ମନ ଗାଦବାଙ୍କ ଜୟପୁର ତହସିଲ ରଣ୍ଡାପାଲୀ ମୌଜାର ଖାତା ନଂ ୧୬୯/୩୬୦ରେ ୩ ଏକର ୬୦ ଡେସିମିଲ ଚାଷଜମି ରହିଛି । ସେହିପରି ଧନପତି ଗାଦବାଙ୍କ ମୂଳାସର ମୌଜାରେ ଖାତା ନଂ-୧୬ରେ ୩ ଏକର ୪୮ ଡେସିମିଲ ଚାଷଜମି ରହିଛି। ଏହି ଜମିର ପଟ୍ଟା, ଖଜଣା ରସିଦ, ଆଧାର କାର୍ଡ ଓ ବ୍ୟାଙ୍କ ଖାତାର ନକଲ ଦେଇ ଏହି ଦୁଇଜଣ କାଳିଆ ଯୋଜନାରେ ଆର୍ଥିକ ସହାୟତା ପାଇଁ ଆବେଦନ କରିଥିଲେ। କିନ୍ତୁ ୫ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ସେମାନଙ୍କୁ ଏଥିରୁ ବଞ୍ଚିତ ହେବାକୁ ପଡ଼ିଛି। ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେମାନେ ଦାବି କରିଛନ୍ତି। ଏନେଇ ଉକ୍ତ ପଞ୍ଚାୟତର ପିଇଓ ଭାଗିରଥୀ ନାୟକଙ୍କୁ ଯୋଗାଯୋଗ କରିବାରୁ, ଏହା ତାଙ୍କର କାର୍ଯ୍ୟ ନୁହେଁ, କୃଷି ବିଭାଗର ବୋଲି ସେ କହିଛନ୍ତି।

# ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

ଜୟପୁର,୨୪।୧୦(ନି.ପ୍ର.):

ଜୟପୁର ଦେଇ ଯାଇଥିବା ଜାତୀୟ ରାଜପଥ ୨୬ର ଏଲଆଇସି ଅଫିସ ନିକଟରେ ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ଜୟପୁର ସାନତେଲି ସାହିର ଏମ୍. ପାଣ୍ଡରଙ୍ଗା (୫୨) ପେପର ମିଲରେ କାମ ସାରି ଘରକୁ ଫେରୁଥିବା ବେଳେ ତାଙ୍କୁ ଟ୍ରକ ଧକ୍କା ଦେଇ ଖସିଯାଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ପାଣ୍ଡରଙ୍ଗାଙ୍କୁ ଉଦ୍ଧାର କରି ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଟାଉନ ପୋଲିସ ପିଛାକରି ସୁନାବେଡ଼ାରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଧରିଥିଲା। ସେହି ଟ୍ରକ୍ (ଏପିଟିଡବ୍ଲ୍ୟୁ ୯୫୫୬) ଉମରକୋଟରୁ ଜୟପୁର ଆସୁଥିଲା। ପୋଲିସ ଟ୍ରକ୍ ଜବତ କରି ଡ୍ରାଇଭରଙ୍କୁ ଅଟକ ରଖିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।








ଗୁମ୍ମା ବ୍ଲକ ଅନ୍ତର୍ଗତ କୁଲଙ୍ଗ ଗ୍ରାମରେ ପାହାଡ ଧସି ଘରଗୁଡିକ ମାଟିରେ ମିଶିଯାଇଛି ।


ଗୃହପାଳିତ ପ୍ରାଣୀଙ୍କୁ ଉଦ୍ଧାର କରାଯାଉଛି ।


ଉପରମୁଣ୍ଡରେ ବର୍ଷା ଯୋଗୁ ରାୟଗଡ ଅଞ୍ଚଳରେ ରାସ୍ତା ଧୋଇଯାଇଛି ।


ପାହାଡ ଧସିବା ପରେ କୁଲଙ୍ଗ ଗ୍ରାମର ଦୃଶ୍ୟ ।


ଗଜପତି ଜିଲା ନୂଆଗଡ ଘାଟିରୁ ମାଟି ଖସି ଯାତାୟାତ ବାଧାପ୍ରାପ୍ତ ।

■ ଗଜପତିରେ ୮୦୫ ମି.ମି. ବୃଷ୍ଟିପାତ

# ଆନ୍ଧ୍ରପ୍ରଦେଶର ଗୋଟା ବ୍ୟାରେଜ୍‌ର ୨୧ ଗେଟ୍ ଖୋଲିଲା

ପାରଳାଖେମୁଣ୍ଡି,୨୪।୧୦(ସ୍ୱ.ପ୍ର)

ଦୁଇଦିନର ଅବିଶ୍ରାନ୍ତ ବର୍ଷା ଗଜପତି ଜିଲାକୁ ବିଶେଷ ପ୍ରଭାବିତ କରିଛି। ଏଥିରେ ଜିଲାର ସମସ୍ତ ବ୍ଲକ୍ ପ୍ରଭାବିତ ହୋଇଛି। ଗୁରବାର ସକାଳ ସୁଦ୍ଧା ଜିଲ୍ଲାରେ ମୋଟ ୮୦୫ ମି.ମି ବୃଷ୍ଟିପାତ ହୋଇଥିବା ଜିଲା ଜରୁରୀକାଳିନ ଅଧିକାରୀଙ୍କ କାର୍ଯ୍ୟାଳୟ ସୁତ୍ରରୁ ପ୍ରକାଶ। ସେହିପରି ଜିଲାର କାଶୀନଗରରେ ୮୧ ମି.ମି, ପାରଳାଖେମୁଣ୍ଡି ସହରରେ ୮୩ ମି.ମି, ରାୟଗଡ଼ ବ୍ଲକ୍‌ରେ ୪୧.୬୦ମି.ମି, ଗୁମ୍ମା ବ୍ଲକ୍‌ରେ ୧୪୦.୦୦ ମି.ମି, ନୂଆଗଡ଼ ବ୍ଲକ୍‌ରେ ୯୫.୮୦ ମି.ମି, ଆର୍. ଉଦୟଗିରି ବ୍ଲକ୍‌ରେ ୧୦୫.୨୦ ମି.ମି, ମୋହନା ବ୍ଲକ୍‌ରେ ୫୩.୪୦ ମି.ମି, ଗୋଷାଣୀ ବ୍ଲକ୍‌ରେ ୧୦୫.୦୦ ମି.ମି ବୃଷ୍ଟିପାତ ରେକର୍ଡ କରାଯାଇଛି। ଗଜପତି ଜିଲାରେ ସକାଳ ସୁଦ୍ଧା ବର୍ଷାର ଅନୁପାତ ମୋଟ ୧୦୦.୬୩ ମି.ମି ରହିଥିବା ଜଣାପଡ଼ିଛି। ସେହିପରି ଗୁରୁବାର ସକାଳ ସାଢ଼େ ୮ଟାରୁ ଅପରାହ୍ନ ୫ଟା ମଧ୍ୟରେ ଜିଲାରେ ମୋଟ ୧୮୫.୦୦ ମି.ମି ବୃଷ୍ଟିପାତ ହୋଇଥିବା ବେଳେ ଏହାର ହାରାହାରି ଅନୁପାତ ୨୨.୧୨୫ ମି.ମି ରହିଥିବା ସୂଚନା ମିଳିଛି । ଏହି ସମୟ ମଧ୍ୟରେ ଜିଲାର ମୋହନାରେ ୯.୨୦ ମି.ମି, ରାୟଗଡ଼ରେ ୪୫.୬୦ମି.ମି, ସଦରମହକୁମା ପାରଳାଖେମୁଣ୍ଡି ରେ ୩୩.୦୦ ମି.ମି, କାଶୀନଗରରେ ୯.୦୦ମି.ମି, ଆର୍. ଉଦୟଗିରିରେ ୨୧.୨ ମି.ମି, ଗୁମ୍ମାରେ ୨୫.୦ ମି.ମି, ନୂଆଗଡ଼ରେ ୨୫.୮ ମି.ମି, ଗୋଷାଣୀରେ ୧୬.୨ ମି.ମି ବର୍ଷା ରେକର୍ଡ ହୋଇଥିବା ଜିଲା ଜରୁରୀକାଳିନ ଅଧିକାରୀ ସତ୍ୟସମର୍ପିତା ରାଉତ ସୂଚନା ଦେଇଛନ୍ତି। ଏହି ଲଗାଣ ବର୍ଷାରେ ସୀମାନ୍ତ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲା ଅନ୍ତର୍ଗତ ହିରମଣ୍ଡଳ ନିକଟ ଗୋଟା ବ୍ୟାରେଜ୍ ଠାରେ ବଂଶଧାରା ନଦୀର ଜଳ ପତ୍ତନ ବୃଦ୍ଧି ପାଇଥିବାରୁ ବ୍ୟାରେଜ୍‌ର ୨୧ଟି ଗେଟ୍ ୨୦ ସେ.ମି ଉଚ୍ଚତାରେ ଖୋଲାଯାଇଥିବା ଜଣାପଡ଼ିଛି। ସେଠାରେ ପ୍ରତି ସେକଣ୍ଡରେ ୧୪୫୪୦ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ଖୋଲାଯାଇଥିବା ୨୧ଗେଟ୍ ଦ୍ୱାରା ୧୪୫୪୦ କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଥିବା ଜଣାପଡ଼ିଛି।

■ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୋ ସରକାର ଟିମ୍

# ବିଭିନ୍ନ ୱାର୍ଡ ବୁଲିଲେ, ରୋଗୀଙ୍କଠାରୁ ସମସ୍ୟା ବୁଝିଲେ

ପାରଳାଖେମୁଣ୍ଡି,୨୪।୧୦ (ସ୍ୱ.ପ୍ର)

ରାଜ୍ୟ ସରକାରଙ୍କ 'ମୋ ସରକାର' କାର୍ଯ୍ୟକ୍ରମରେ ଏକ ଉଚ୍ଚସ୍ତରୀୟ ଟିମ୍ ଗୁରୁବାର ଗଜପତି ଜିଲା ଗସ୍ତରେ ଆସି ପାରଳାଖେମୁଣ୍ଡିସ୍ଥିତ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟରେ ବିଭିନ୍ନ ଆନୁସାଙ୍ଗିକ ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି । ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡ. ଶକ୍ତି ପ୍ରସାଦ ପାଢୀଙ୍କ ନେତୃତ୍ୱରେ ଦୁଇଜଣିଆ ଟିମ୍ ଗୁରୁବାର ପୂର୍ବାହ୍ନରେ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ନିରାମୟ ଔଷଧ ବିତରଣ କେନ୍ଦ୍ରକୁ ଯାଇ ରୋଗୀମାନଙ୍କୁ ଠିକ୍‌ଭାବେ ଔଷଧ ବିତରଣ ଏବଂ ସେବନ ପ୍ରଣାଳୀ ବୁଝାଉଛନ୍ତି କି ନାହିଁ ସେ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସେଠାରେ କିଛି ରୋଗୀଙ୍କୁ ମଧ୍ୟ ଏ ସମ୍ପର୍କରେ ପଚାରି ବୁଝିଥିଲେ। ପରେ ମୁଖ୍ୟ ଚିକିତ୍ସାଳୟର ଆଶୁ ଚିକିତ୍ସା ବିଭାଗକୁ ଯାଇ ରୋଗୀ ସେବା ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରିବା ସହ ଅସ୍ତ୍ରୋପ୍ରଚାର ଗୃହ ସମ୍ପର୍କରେ ପଚାରି ବୁଝିଥିଲେ। ସେଠାରୁ ଟିମ୍ ମେଡିକାଲ ପରିସରରେ ଥିବା ୧୦୦ ଶଯ୍ୟା ବିଶିଷ୍ଟ ମହିଳା ଓ ଶିଶୁ ବିଭାଗକୁ ଯାଇ ସମସ୍ତ ବିଷୟ ଅନୁଧ୍ୟାନ କରିଥିଲେ। ବିଭିନ୍ନ ୱାର୍ଡପରିଦର୍ଶନ କରିବା ସହ ସ୍ୱଚ୍ଛତା ଉପରେ ନିରୀକ୍ଷଣ କରିଥିଲେ। ଏହାସହ ସମସ୍ତ ରୋଗୀଙ୍କୁ ମଶାରୀ ଯୋଗାଇବାପାଇଁ ମଧ୍ୟ ପରାମର୍ଶ ଦେଇଥିଲେ। ସେଠାରେଥିବା ଶୌଚାଳୟର ପରିଷ୍କାର, ପରିଚ୍ଛନ୍ନତା ଅନୁଧ୍ୟାନ କରିଥିଲେ। ରୋଗୀମାନଙ୍କୁ ଦିଆଯାଉଥିବା ଟୋକେନ୍ କମ୍ପ୍ୟୁଟର ଦ୍ୱାରା ପଞ୍ଜିକରଣ କରିବାପାଇଁ ଟିମ୍ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରୋଗୀ ଯେଉଁ ସମୟରେ ମଧ୍ୟ ଭର୍ତ୍ତି ହେଲେ ସେମାନଙ୍କୁ ଖାଦ୍ୟ ଯୋଗାଇବା ପାଇଁ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। କେତେକ କ୍ଷେତ୍ରରେ ଟିମ୍ ସନ୍ତୋଷ ପ୍ରକଟ କରିଥିଲେ ମଧ୍ୟ ଅନେକ କ୍ଷେତ୍ରରେ ଅସନ୍ତୋଷ ପ୍ରକାଶ କରିଥିବା ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡା. ରମେଶ ଚନ୍ଦ୍ର ମିଶ୍ର କହିଛନ୍ତି । ଏହି ରାଜ୍ୟସ୍ତରୀୟ ଟିମ୍ ପରିଦର୍ଶନ ସମୟରେ ସିଡିଏମ୍‌ଓ ଡା. ଗୁନୁରାଣୀ ପଟ୍ଟନାୟକ, ଡା. ସୁରେନ୍ଦ୍ର କୁମାର ରଥ, ଜିଲା କାର୍ଯ୍ୟକ୍ରମ ପରିଚାଳକ ସୌମ୍ୟାରାଣୀ ଗୌଡ଼, ଚିକିତ୍ସାଳୟ ପରିଚାଳକ ପଟ୍ଟନାୟକଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।


ମୋ ସରକାର ଟିମ୍ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟର ଅନୁଧ୍ୟାନ କରୁଛନ୍ତି ।

## ବାହାର ରାଜ୍ୟର ଶିଶୁ ଶ୍ରମିକ ଉଦ୍ଧାର

ପାରଳାଖେମୁଣ୍ଡି,୨୪।୧୦ (ସ୍ୱ.ପ୍ର)

ଗଜପତି ଜିଲା ସିଡବ୍ଲ୍ୟୁସି ପକ୍ଷରୁ ବାହାର ରାଜ୍ୟରୁ ଜଣେ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ଘଟଣାରୁ ପ୍ରକାଶ ଯେ, ବିହାର ରାଜ୍ୟର ସୀତାମାଢ଼ି ଅଞ୍ଚଳର ଜଣେ ନାବାଳକ ଗଜପତି ଜିଲା ମୋହନା ବ୍ଲକ୍ ଚନ୍ଦ୍ରଗିରି ଠାରେ ଏକ ଫାଷ୍ଟଫୁଡ୍ ଦୋକାନରେ ଦୁଇମାସ ଧରି କାର୍ଯ୍ୟ କରୁଥିଲେ । ହେଲେ ସେ ନାବାଳକ ହୋଇଥିବାରୁ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲା ଶିଶୁ ସୁରକ୍ଷା ସମିତି ଏବଂ ଚାଇଲ୍ଡଲାଇନର ଏକ ମିଳିତ ଟିମ୍ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ପାରଳାଖେମୁଣ୍ଡି ସ୍ଥିତ ଶିଶୁ କଲ୍ୟାଣ ସମିତିରେ ଉପସ୍ଥାପନ କରାଯିବାପରେ ପାରଳାଖେମୁଣ୍ଡିସ୍ଥିତ ମୁକ୍ତ ଆଶ୍ରୟସ୍ଥଳରେ ରଖାଯାଇଛି। ଏ ସମ୍ପର୍କରେ ଗଜପତି ଶିଶୁ କଲ୍ୟାଣ ସମିତି ପକ୍ଷରୁ ବିହାର ରାଜ୍ୟର ସୀତାମାଢ଼ି ଜିଲା ଶିଶୁ କଲ୍ୟାଣ ସମିତି ସହ ଆଲୋଚନା କରାଯାଇଛି ଏବଂ ଖୁବ୍ ଶୀଘ୍ର ତାଙ୍କୁ ବିହାର ରାଜ୍ୟକୁ ପଠାଯିବ ବୋଲି ଗଜପତି ଶିଶୁ କଲ୍ୟାଣ ସମିତି ପକ୍ଷରୁ ହିରଣ୍ୟ ରାୟ ସୂଚନା ଦେଇଛନ୍ତ।


### ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକାରୀ
**ପ୍ରାୟୋଜିତ ନିଯୁକ୍ତି ମେଳା**
ODISHA SKILL DEVELOPMENT AUTHORITY
ତାରିଖ: ୨୯।୧୦।୨୦୧୯ ସ୍ଥାନ: ସରକାରୀ ପୋଲିଟେକ୍ନିକ୍, ମାଲକାନଗିରି

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକାରୀ ଓ ଜିଲ୍ଲା ପ୍ରଶାସନ ମାଲକାନଗିରି ତରଫରୁ ଆସନ୍ତା ତା୨୯।୧୦।୨୦୧୯ରିଖରେ ସରକାରୀ ପୋଲିଟେକ୍ନିକ୍ ଖେଳପଡ଼ିଆ, ମାଲକାନଗିରିଠାରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହେବାକୁ ଯାଉଛି। ଏଣୁ ଇଚ୍ଛୁକ ସମସ୍ତ ବେକାର ଯୁବକ/ଯୁବତୀଙ୍କୁ ଅବଗତ କରାଯାଉଛି କି, ଯେଉଁମାନେ ୫ମରୁ +୩ / ITI/ Diploma/ B.Pharma/ M.Sc (Analytical) ଶିକ୍ଷାଗତ ଯୋଗ୍ୟତା ପୂର୍ଣ୍ଣ କରିଛନ୍ତି ଏବଂ ବୟସ ୧୮ରୁ ୩୫ ମଧ୍ୟରେ ହୋଇଥିବ, ସେମାନଙ୍କ ମଧ୍ୟରୁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଆସନ୍ତା ତା୨୯।୧୦।୨୦୧୯ରିଖରେ ସରକାରୀ ପୋଲିଟେକ୍ନିକ୍, ମାଲକାନଗିରିଠାରେ ଦିବା ୯ ଘଟିକାରେ ଅନୁଷ୍ଠିତ ହେବାକୁ ଥିବା ଏହି ନିଯୁକ୍ତି ମେଳାରେ ଯୋଗଦେଇ ବିଭିନ୍ନ ବେସରକାରୀ ସଂସ୍ଥାରେ ସିଧାସଳଖ ନିଯୁକ୍ତି ଓ ନିଯୁକ୍ତିଭିତ୍ତିକ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣର ସୁଯୋଗ ପାଇପାରିବେ। ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ନିଜର ପାସ୍‌ପୋର୍ଟ ଫଟୋ ଓ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର ସହିନକଲ ସହ ଉକ୍ତ ନିଯୁକ୍ତି ମେଳାରେ ଯୋଗଦେବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିବେଦନ କରାଯାଉଅଛି।

ଏହି ସମ୍ପର୍କରେ ବିସ୍ତୃତ ବିବରଣୀ ନିମନ୍ତେ ନିକଟସ୍ଥ ଗୋଷ୍ଠୀ ଉନ୍ନୟନ ଅଧିକାରୀ କିମ୍ବା ଜିଲ୍ଲା ନିୟୋଜନ ଅଧିକାରୀ, ମାଲକାନଗିରିଙ୍କ ଫୋନ୍ ନଂ. ୦୬୮୬୧-୨୩୦୪୨୭ରେ ଯୋଗାଯୋଗ କରନ୍ତୁ।

**ଜିଲ୍ଲା ନିୟୋଜନ ଅଧିକାରୀ, ମାଲକାନଗିରି** **ଜିଲ୍ଲାପାଳ, ମାଲକାନଗିରି**


# ଲଗାଣ ବର୍ଷା: ବସ୍ ଚଳାଚଳ ବାଧାପ୍ରାପ୍ତ

ପାରଳାଖେମୁଣ୍ଡି,୨୪।୧୦ (ସ୍ୱ.ପ୍ର)

ଗଜପତି ଜିଲାରେ ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁ ବସ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଜିଲାର ବିଭିନ୍ନ ଅଞ୍ଚଳରେ ମାଟି ଅତଡ଼ା ଧସିବା ଯୋଗୁ ଯାତାୟାତରେ ସମସ୍ୟା ଉପୁଜୁଥିବା ସୂଚନା ମିଳିଛି । ଫଳରେ ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଠାରୁ ବିଭିନ୍ନ ଗ୍ରାମାଞ୍ଚଳ ଅଞ୍ଚଳକୁ ଯାଉଥିବା ବସ୍ ଗୁଡ଼ିକ ଗୁରୁବାର ପାରଳାଖେମୁଣ୍ଡି ବସ୍‌ଷ୍ଟାଣ୍ଡରେ ଠିଆ ହୋଇ ରହିଥିବା ଦେଖିବାକୁ ମିଳିଥିଲା । ଜିଲାର ବିଭିନ୍ନ ଅଞ୍ଚଳରେ ପାହାଡ଼ରୁ ପଥର ଖସିବା ଏବଂ ମାଟି ଅତଡ଼ା ଧସିବା ଯୋଗୁ ଆତଙ୍କିତ ହୋଇ ବସ୍ ଚଳାଚଳକୁ ବନ୍ଦ ରଖିଥିବା ଜଣାପଡ଼ିଛି। ଜିଲାରେ ରହିଥିବା ମୋଟ ୧୧୦ ବସ୍ ମଧ୍ୟରୁ ମୁଖ୍ୟ ରାସ୍ତା ବ୍ରହ୍ମପୁର, ପଲାସା, ଗୁଣପୁର, ଶ୍ରୀକାକୁଲମ୍ ଆଦି ସ୍ଥାନକୁ ବସ୍ ଚଳାଚଳ କରୁଥିଲେ ମଧ୍ୟ ଜିଲାର ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ବସ୍ ଚଳାଚଳ ବନ୍ଦ ରହିଛି । ଯଦ୍ଦ୍ୱାରା ଏହି ଅଞ୍ଚଳର ଜନସାଧାରଣ ବହୁସମସସ୍ୟାର ସମ୍ମୁଖୀନ ହେ । ଇ ଥି ବ । ଜଣାପଡ଼ିଛି।


ବର୍ଷା ଯୋଗୁ ପାରଳାଖେମୁଣ୍ଡି ବସଷ୍ଟାଣ୍ଡରେ ବସଗୁଡିକ ଅଟକି ରହିଛି ।


### ଆଲ୍ଲାହାବାଦ ବ୍ୟାଙ୍କ
(ଭାରତ ସରକାରଙ୍କର ଏକ ଉପକ୍ରମ)
**ଗୃହ ଆବଶ୍ୟକ**

**ଆଲ୍ଲାହାବାଦ ବ୍ୟାଙ୍କ, ମଣ୍ଡଳୀୟ କାର୍ଯ୍ୟାଳୟ, ସମ୍ବଲପୁର** ଏହାର ନିମ୍ନଲିଖିତ ଶାଖାର ସ୍ଥାନାନ୍ତରଣ ନିମନ୍ତେ ଭଡାସୂତ୍ରରେ ତଳ ମହଲାର ଗୃହ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରୁଅଛି ।

| କ୍ର.ନଂ. | ମଣ୍ଡଳ | ଶାଖାର ନାମ | କାର୍ପେଟ୍ ଏରିଆ | ଗୃହ ଆବଶ୍ୟକ | ସ୍ଥାନ (ନିମ୍ନଲିଖିତ ସ୍ଥାନର ବଜାର ଅଞ୍ଚଳରେ) |
|---|---|---|---|---|---|
| ୧. | ସମ୍ବଲପୁର | କୋକଳବା | ୧୦୦୦ ବର୍ଗଫୁଟ | ସେହି ସ୍ଥାନରେ ବର୍ତ୍ତମାନର ଶାଖା ସ୍ଥାନାନ୍ତରଣ ନିମନ୍ତେ ବିକଳ୍ପ ଗୃହ | ସା/ପୋ.: କୋକଳବା, ଥାନା: ନରସିଂହପୁର, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୦୩୨ |

ଦରଖାସ୍ତ ଫର୍ମ ଏବଂ ଅନ୍ୟାନ୍ୟ ସବିଶେଷ ବିବରଣୀ ବ୍ୟାଙ୍କର **ମଣ୍ଡଳୀୟ କାର୍ଯ୍ୟାଳୟ, "ଶ୍ୟାମ ଆର୍କେଡ" ସା.: କ୍ଷେତରାଜପୁର, ପୋ/ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୩ କିମ୍ବା କୋକଳବା ଶାଖାରୁ** ସଂଗ୍ରହ କରିପାରିବେ କିମ୍ବା ବ୍ୟାଙ୍କର **ୱେବ୍‌ସାଇଟ୍: www.allahabadbank.in** ରୁ ଡାଉନ୍‌ଲୋଡ୍ କରିପାରିବେ। ଧାର୍ଯ୍ୟ ଫର୍ମାଟରେ ସମ୍ପୂର୍ଣ୍ଣ ଭାବେ ପୁରଣ କରାଯାଇଥିବା ଦରଖାସ୍ତ ସହିତ ଆବଶ୍ୟକୀୟ ସୂଚନା ଏବଂ ୱେବସାଇଟ୍‌ରେ ଦର୍ଶିତ କାଗଜପତ୍ର ଗୁଡ଼ିକୁ ବନ୍ଦ ଲଫାପାରେ **ତା୧୧.୧୧.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ମଣ୍ଡଳୀୟ କାର୍ଯ୍ୟାଳୟରେ ଦାଖଲ କରିବେ।

ତାରିଖ: ୨୪.୧୦.୨୦୧୯ ସହାୟକ ମହାପ୍ରବନ୍ଧକ


## ୪୮ ଘଣ୍ଟା ବିତିଲା ବାସୁଦେବ ମୃତ୍ୟୁ ଘଟଣାର ସୁରାକ୍ ମିଳୁନି

ପାରଳାଖେମୁଣ୍ଡି, ୨୪।୧୦ (ସ୍ୱ.ପ୍ର.)

ଗଜପତି ଜିଲା ଆର. ଉଦୟଗିରି ଥାନା ଅନ୍ତର୍ଗତ ନୂଆଗଡ଼ ବ୍ଲକ୍ ପରିମଳ ଗ୍ରାମ ରାସ୍ତାକଡ଼ରୁ ଏନ୍. ଝଲାରସିଂ ଗ୍ରାମର ବାସୁଦେବ ସାହୁଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର ଘଟଣାର ୪୮ ଘଣ୍ଟା ବିତିଯାଇଥିଲେ ମଧ୍ୟ ଘଟଣାର ପର୍ଦ୍ଦାଫାସ ହୋଇପାରିନାହିଁ। ଗତ ୨୨ ତାରିଖରେ ପୋଲିସ ମୃତଦେହ ଉଦ୍ଧାର କରି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ଏ ନେଇ ମୃତ ବାସୁଦେବଙ୍କ ଭାଇ ବିଜୟ ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ଏପରିକିନ୍ୟାୟ ଏବଂ ତଦନ୍ତ ପାଇଁ ପରିବାର ଲୋକେ ଅଡିବସିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁମଧ୍ୟ ପ୍ରତିରୋଧ କରିଥିଲେ। ପୋଲିସର ପ୍ରତିଶ୍ରୁତି ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପରିବାର ଲୋକେ ରାଜି ହୋଇଥିଲେ। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପ୍ରକାଶ କରିଛି।

# ଉପସଚିବଙ୍କ ଉପସ୍ଥିତିରେ ଛତୁଆ ମିଶ୍ରଣ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୨୪।୧୦(ସ୍ୱ.ପ୍ର)

ଗଜପତି ଜିଲା ଗୋଷାଣୀ ବ୍ଲକ୍‌ର ଦୁଇଗୋଟି କେନ୍ଦ୍ରରେ ଛତୁଆ ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟ ସରକାର ରାଜ୍ୟର ସମସ୍ତ ଛତୁଆ କେନ୍ଦ୍ରରେ ପ୍ରତିମାସ ୨୩ ତାରିଖରେ ଛତୁଆ ମିଶ୍ରଣ କରିବାପାଇଁ ଘୋଷଣା କରିଥିବାବେଳେ ଗଜପତି ଜିଲାରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଗର୍ଭବତୀ, ପ୍ରସୂତି ଏବଂ ୭ମାସରୁ ୩ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଛତୁଆ ଏକ ପୃଷ୍ଟିକର ଖାଦ୍ୟ ଭାବେ ଯୋଗାଇ ଦିଆଯାଇଥାଏ । ଗୋଷାଣୀ ବ୍ଲକ୍‌ର ବଡ ନୀଲାପୁର ଏବଂ ତାଟିପେଟି ଠାରେ ୨ଟି କେନ୍ଦ୍ର ରହିଥିବାବେଳେ ଏକ ସୁସ୍ଥ ପରିବେଶ ମଧ୍ୟରେ ଛତୁଆ ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିଲା । କାର୍ଯ୍ୟକ୍ରମକୁ ନିରୀକ୍ଷଣ କରିବାପାଇଁ ପୁଷ୍ଟି ସାଧନ ବିଭାଗ ଉପସଚିବ କାଶୀନାଥ ମହାପାତ୍ର ଭୁବନେଶ୍ୱରରୁ ଆସି କାର୍ଯ୍ୟକ୍ରମ ନିରୀକ୍ଷଣ ଓ ଅନୁଧ୍ୟାନ କରିଥିଲେ । ତାଟିପେଟି ଛତୁଆ କେନ୍ଦ୍ରରେ ମିଶ୍ରଣ ସମୟରେ ଡି. ନାଗରତ୍ନମ୍, ସୁଜାତା ଗନ୍ତାୟତ, ଧରିତ୍ରୀ ବାଉରୀ ଉପସ୍ଥିତ ରହିଥିଲେ । ସେହିପରି ବଡନୀଳାପୁର କେନ୍ଦ୍ରରେ ମହିଳା ପରିଦର୍ଶିକା ଜଗଦେଶ୍ୱରୀ ଆଲୁ, ଶଶି ଗମାଙ୍ଗ, କିରଣ କୁମାର ପାତ୍ର ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଗୋଷାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଗ୍ରାମ କେଶରୀ ପଣ୍ଡା, ସମ୍ମିଳିତ ଶିଶୁ ବିକାଶ ଯୋଜନା ଅଧିକାରୀ ଗୌରୀ ନାୟକ, ନୋଡାଲ ଅଧିକାରୀ ଅଜୟ କୁମାର ନାୟକ ଏବଂ ସାରଳା ପାତ୍ର ଉପସ୍ଥିତ ଥିଲେ।


ଛତୁଆ ମିଶ୍ରଣ କାର୍ଯ୍ୟକ୍ରମରେ ପୁଷ୍ଟି ସାଧନ ବିଭାଗ ଉପସଚିବ ଓ ଅନ୍ୟମାନେ ।


**THE ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

No.38/OMC Date : 24.10.2019

**ADVERTISEMENT FOR RECRUITMENT OF EXECUTIVES IN OMC LTD.**

The OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. The Corporation has achieved an annual turnover of Rs. 4053 crores in the FY 2018-19. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries.
The Corporation invites application from dynamic & competent professionals for the following posts.

**VACANCY :-**

| Sl. No. | Name of the Post | Scale of Pay (in Rs.) | Total posts | Initial Basic Pay (in Rs.) | No. of Posts Reserved for | | | |
|---|---|---|---|---|---|---|---|---|
| | | | | | SC | ST | SEBC | UR |
| FINANCE | | | | | | | | |
| 1 | Dy. General Manager (Fin.), E-5 grade | 78,800/- to 2,09,200/- | 04 | 1,05,900/- | - | - | 01 | 03 (1-W) |
| 2 | Sr. Manager (Fin.), E-4 grade | 67,700/- to 2,08,700/- | 02 | 91,100/- | - | 01 | 01 | - |
| 3 | Manager (Fin.), E-3 grade | 67,700/- to 2,08,700/- | 01 | 78,500/- | - | 01 | - | - |
| 4 | Dy. Manager (Fin.), E-2 grade | 67,700/- to 2,08,700/- | 01 | 67,700/- | 01 | - | - | - |
| | Total | | 08 | | 01 | 02 | 02 | 03 |

Interested eligible candidates are requested to download the application format from OMC website : **www.omcltd.in** and submit the same duly filled in & signed along with attested copies of Certificates / Testimonials, Experience Certificate in support of their eligibility by **Speed Post /Courier** in a cover superscribed "APPLICATION FOR THE POST OF __________" so as to reach the **General Manager (P&A), The Odisha Mining Corporation Ltd., OMC House, Bhubaneswar-751001 by 11.11.2019 positively**. Applications received after the last date due to delay in postal/courier or any other reason shall not be entertained and will be rejected.
The OMC Management reserves the right to cancel, amend or alter the above advertisement without assigning any reason thereof.

**Sd/-**
**Director (Personnel)**

# ଧୋଇଗଲା ରାସ୍ତା, ଭାଙ୍ଗିଲା ଘର


ଗୁଣପୁରରେ ବ୍ରିଜ ଉପର ଦେଇ ପାଣି ପ୍ରବାହିତ ହେଉଛି ।


ବିଷମକଟକରେ ଭାଙ୍ଗିଯାଇଥିବା ଏକ ଘର ।

**ଲଗାଣ ବର୍ଷା**
- ଜଗନ୍ନାଥପୁର ନାଳ ବ୍ରିଜ ଉପରେ ପାଣି
- ହାଟମୁନିଗୁଡ଼ା- ପାଇକ ଡାକୁଲୁଗୁଡ଼ାକୁ ଯୋଗାଯୋଗ ବିଚ୍ଛିନ୍ନ
- ଜନଜୀବନ ଅସ୍ତବ୍ୟସ୍ତ

**ଗୁଣପୁର/ବିଷମକଟକ, ୨୪।୧୦(ଡି.ଏନ.ଏ)**

ରାୟଗଡ଼ା ଜିଲାରେ ଦୁଇଦିନ ଧରି ଲଗାଣ ବର୍ଷା ଲାଗି ରହିଛି । ଫଳରେ ଜିଲାର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଅନେକ ସ୍ଥାନରେ ରାସ୍ତା ଧୋଇଯିବା ସହ ଘର ଭାଙ୍ଗିଯାଇଛି । ଏମିତି କି ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ବର୍ଷା ଯୋଗୁ ଲୋକେ ଘରୁ ବାହାରି ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗୁଣପୁରରେ ଥିବା ଜଗନ୍ନାଥପୁର ଅସ୍ଥାୟୀ ବ୍ରିଜ ଉପରେ ପାଣି ପ୍ରବାହିତ ହେଉଛି । ଫଳରେ ଜଗନ୍ନାଥପୁର ସହ ଗଠୋଳପଦର, ମରମା , ପଡ଼ୋଶୀ ଆନ୍ଧ୍ରକୁ ଗୁଣପୁର ଅଞ୍ଚଳରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଉପରମୁଣ୍ଡରେ ପାଣି ଆସିଯିବା ଯୋଗୁ ବ୍ରିଜ ଉପର ଦେଇ ପାଣି ପ୍ରବାହିତ ହେଉଛି । ଚଳିତ ଥରକୁ ମିଶାଇ ବ୍ରିଜ ଉପରେ ଦେଇ ୩ ଥର ପାଣି ପ୍ରବାହିତ ହେବା ସହ ଧୋଇ ହୋଇ ଯାଇଛି । ସେହିପରି ବିଷମକଟକ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବର୍ଷା ଯୋଗୁ ହାଟମୁନିଗୁଡାରୁ ପାଇକଡାକୁଲୁଗୁଡା ରାସ୍ତା ଧୋଇଯାଇଛି । ଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ସେହିପରି ବର୍ଷାରେ ଚାଟିକୋଣା ଗ୍ରାମ ପଞ୍ଚାୟତର ବଡ ମଟକବାଡି ଗ୍ରାମର ମହାନ୍ତି କନ୍ଧପାଣିଙ୍କ ଘର କାନ୍ଥ ଭୁଶୁଡ଼ି ପଡ଼ିଛି । ଫଳରେ ଘରର ଆସବାବପତ୍ର ଓ ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଛି । ଏଥିରେ କେହି ମୃତାହତ ହୋଇନାହାନ୍ତି। ସେହିପରି ବାରିଗୁଡା ଗ୍ରାମର ଜଳନ୍ଦର ବାହୁକ ଓ ଡଙ୍ଗର ସାହିର ପବିତ୍ର କରାଡଙ୍କ ଘରର କାନ୍ଥ ଭୁଷୁଡି ପଡିଛି। ଏହାଦ୍ୱାରା ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଛି । ଖବରପାଇ ଗୁରୁବାର ସକାଳେ ଚାଟିକୋଣା ଏବଂ ବିଷମକଟକ ରାଜସ୍ୱ ଅଧିକାରୀ ଉକ୍ତ ୩ ଗ୍ରାମକୁ ଯାଇ କ୍ଷତିଗ୍ରସ୍ତ ଘର ଗୁଡିକ ବୁଲି ଦେଖିବା ସହ କ୍ଷୟକ୍ଷତିର ଆକଳନ କରିଛନ୍ତି ।

## ଆଜି ଓଡ଼ିଶା, ପୂର୍ବ ଛତିଶଗଡ଼ ବନ୍ଦ

- ଡାକରା ଦେଇଛି ବଂଶଧାରା ଘୁମୁସର ନାଗାବଳୀ ମାଓବାଦୀ ସଙ୍ଗଠନ
- ସୁରକ୍ଷା ଦୃଷ୍ଟିକୋଣରୁ ପ୍ରଶାସନ ପ୍ରସ୍ତୁତ:ଏସ୍‌ପି

**ରାୟଗଡ଼ା ଅଫିସ,୨୪।୧୦**

ବଂଶଧାରା ଘୁମୁସର ନାଗାବଳୀ ମାଓବାଦୀ ଡିଭିଜନ ପକ୍ଷରୁ ଶୁକ୍ରବାର ଓଡିଶା ଓ ପୂର୍ବ ଛତିଶଗଡ଼ ବନ୍ଦ ଡାକରା ଦିଆଯାଇଛି। ସୁରକ୍ଷା ଦୃଷ୍ଟି କୋଣରୁ ପ୍ରଶାସନ ପ୍ରସ୍ତୁତ ବୋଲି ଏସ୍‌ପି ଶର୍ବଣୀ ବିବେକ୍ ଏମ୍ କହିଛନ୍ତି। ନିୟମଗୀରି, କାଶୀପୁର, କର୍ଲାପାଟ,କଟକଡ଼ଙ୍ଗର ଆଦି ଏରିଆକୁ ନାକାବନ୍ଦୀ କରାଯାଇଛି। ସେଠାରେ ସିଆରପିଏଫ୍, ବିଏସ୍‌ଏଫଏ ଏସ୍‌ଓଜି,ଡିଭିଏଫ ଫୋର୍ସ ନିଜ ନିଜର ଏରିଆ ଦେଖୁଛନ୍ତି। ଜିଲାକୁ ଆସୁଥିବା ଓ ଯାଉଥିବା ସମସ୍ତ ଗାଡ଼ି ଯାଞ୍ଚ କରାଯାଉଛି। କଳାହାଣ୍ଡି ,ଗଜପତି, କନ୍ଧମାଳ, ଭବାନୀପାଟଣା ସଓ କୋରାପୁଟ ସୀମାନ୍ତରେ ଅଧିକ ଧ୍ୟାନ ଦିଆଯାଉଛି। ପ୍ରକାଶ ଯେ, ବଂଶଧାରା ଘୁମୁଶର ନାଗାବଳୀ ମାଓବାଦୀ ଡ଼ିଭିଜନ କମିଟି ସମ୍ପାଦିକା ମିତା ଏହି ବନ୍ଦ ଡାକରା ଦେଇଛନ୍ତି। ସରକାର ସମସ୍ତ ଗଣତାନ୍ତ୍ରୀକ ବିପ୍ଳବୀ ଆନ୍ଦୋଳନକୁ ଚପାଇ ଦେଉଛନ୍ତି ବୋଲି ସେ କହିଛନ୍ତି। ଏଥିସହ ନିୟମଗିରି, କାଶୀପୁର, କର୍ଲାପାଟ, କଟକଡ଼ଙ୍ଗର ଆଦି ଅଞ୍ଚଳରେ ଥିବା ବକ୍ସାଇଟ ଓ ଅନ୍ୟ ପ୍ରାକୃତିକ ସମ୍ପଦକୁ ବହୁ ରାଷ୍ଟ୍ରୀୟ କମ୍ପାନୀ ହାତରେ ସରକାର ଟେକିଦେଉଛନ୍ତି। ସରକାରର ଦମନ ଅଭିଯାନ ଏବଂ ବିଭିନ୍ନ ଦାବି ନେଇ ମାଓବାଦୀମାନେ ଏହି ବନ୍ଦ ଡାକରା ଦେଇଛନ୍ତି।

## ଆହାର କେନ୍ଦ୍ରରେ ଖାଇଲେ ଜିଲାପାଳ


ଆହାର କେନ୍ଦ୍ରରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ଖାଉଛନ୍ତି ।

**ରାୟଗଡ଼ା ଅଫିସ,୨୪।୧୦**

ଯେଉଁ ମନ୍ତ୍ରୀ କୌଣସି ଜିଲା ଗସ୍ତରେ ଯାଆନ୍ତି ସେ ସେଠାରେ ଥିବା ଆହାର କେନ୍ଦ୍ର ଏବଂ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଖାଇବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ଜିଲାପାଳ ପ୍ରମୋଦ କୁମାର ବେହେରା ଅଚାନକ ବସଷ୍ଟାଣ୍ଡଠାରେ ଥିବା ଆହାର କେନ୍ଦ୍ରକୁ ଯାଇ ସେଠାରେ ଖାଇଛନ୍ତି। ତାଙ୍କ ସହ କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ସତ୍ୟବ୍ରତ ସାହୁ ,ପିଡ଼ି ଅମ୍ରିତ ଋତୁରାଜ, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଯାତ୍ରୀ ଟ୍ରେନ୍‌ରେ ନେଇ ପାରିବେନି ବାଣ

**ରାୟଗଡା ଅଫିସ, ୨୪।୧୦:** ଆସନ୍ତା ରବିବାର ଆଲୋକର ପର୍ବ ଦୀପାବଳି। ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରେଳ ବିଭାଗ ପକ୍ଷରୁ ଗୁରୁବାର ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। କୌଣସି ଯାତ୍ରୀ ଟ୍ରେନରେ ଛୋଟବଡ଼ ବିସ୍ଫୋରକ ଦ୍ରବ୍ୟ ବା ବାଣ ସାଙ୍ଗରେ ନେଇ ପାରିବେ ନାହିଁ। ଏନେଇ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ଯାତ୍ରୀଙ୍କ ଉପରେ କଡ଼ା ନଜର ରଖାଯାଇ ଯାଞ୍ଚ କଡ଼ାକଡ଼ି କରାଯାଇଛି। ଯଦି କୌଣସି ଯାତ୍ରୀ ବାଣ ନେଉଥିବା କେହି ଦେଖିଲେ ସଙ୍ଗେ ସଙ୍ଗେ ରେଳ ବିଭାଗ କିମ୍ବା ପୋଲିସକୁ ଜଣାଇବାକୁ ବରିଷ୍ଠ ଡିଭିଜିଓନାଲ କମସିଆଲ ପରିଚାଳକ ଜି . ସୁନୀଲ କୁମାର ପ୍ରକାଶ କରିଛନ୍ତି। ଯାତ୍ରା ସମୟରେ ଟ୍ରେନରେ ସହଜରେ ଜଳି ପାରୁଥିବା ବାଣ, ଗ୍ୟାସ ସିଲିଣ୍ଡର, ଏସିଡ, ପେଟ୍ରୋଲ, କିରୋସିନ ଇତ୍ୟାଦି ଦ୍ରବ୍ୟ ନେବା ନିଷେଧ ଅଟେ। ଏହି ନିୟମକୁ କେହି ଉଲ୍ଲଂଘନ କଲେ ୩ ବର୍ଷ ଯାଏଁ ଜେଲ ଦଣ୍ଡ ବିଧାନ ରହିଥିବା ଜଣାଯାଇଛି।

### ଶିଶୁ ସୁରକ୍ଷା ନେଇ ଆଲୋଚନା



**ଆମ୍ବାଦୋଳା,୨୪।୧୦(ଡ଼ି.ଏନ.ଏ):** ମୁନିଗୁଡ଼ା ପଞ୍ଚାୟତସମିତି ଅନ୍ତର୍ଗତ ରାଣୀପିଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟିର ସଦସ୍ୟମାନେ ଭାଗ ନେଇଥିଲେ। ଏହି ଅବସରରେ ପଞ୍ଚାୟତଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ନରେନ୍ଦ୍ର କାଡ୍ରାକାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁନିଗୁଡ଼ା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ପରିଦର୍ଶିକା ଜାଞ୍ଚଟି ବାଉରି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଆନନ୍ଦ ବିଡ଼ିକା, ସମିତି ସଭ୍ୟ ଅରୁଣ ବାଗ୍ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ପଞ୍ଚାୟତରେ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକ, ଶିଶୁ ପ୍ରତିନିଧି ବେସନ କୁମାର, ଟୁକୁନି ବେହେରା, ଅଙ୍ଗନୱାଡ଼ି କର୍ମୀ, ଏଏନ୍‌ଏମ, ସାମାଜିକ କର୍ମୀ ସତ୍ୟପ୍ରିୟା ପ୍ରଧାନ, ଦୀପକ ପାଢ଼ୀ ପ୍ରମୁଖ ଯୋଗ ଦେଇ ଶିଶୁ ସୁରକ୍ଷା, ବାଲ୍ୟ ବିବାହ, ଶିଶୁ ଶ୍ରମିକ ରୋକିବା ନେଇ ଆଲୋକପାତ କରିଥିଲେ।

## ଜିଆଇଇଟି ଏକକ ବିଶ୍ୱବିଦ୍ୟାଳୟକୁ ୟୁଜିସି ମାନ୍ୟତା

**ଗୁଣପୁର,୨୪।୧୦(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଥିବା ଜିଆଇଇଟି ଏକକ ବିଶ୍ୱବିଦ୍ୟାଳୟକୁ ୟୁଜିସି ମାନ୍ୟତା ମିଳିଛି। ଏହାର ଉଚ୍ଚକୋଟୀର ଶିକ୍ଷାଦାନ, ଉତ୍ତମ ପରିବେଶ, ଉଚ୍ଚମାନର ପାଠାଗାର, ପ୍ରୟୋଗଶାଳା, ବିଜ୍ଞଶିକ୍ଷକମଣ୍ଡଳୀ, ଆବଶ୍ୟକ ଭିତ୍ତିଭୂମି ସହ ବିଦ୍ୟାର୍ଥୀଙ୍କ ଶୃଙ୍ଖଳିତ କାର୍ଯ୍ୟଶୈଳୀ ମାନଦଣ୍ଡକୁ ଆଧାର କରି ଏହି ସ୍ୱତନ୍ତ୍ର ୟୁଜିସି ମାନ୍ୟତା ମିଳିଛି । ୧୯୯୭ରେ ଗଢି ଉଠିଥିବା ଏହି ଅନୁଷ୍ଠାନ ଗୋଟିଏ ପରେ ଗୋଟିଏ ସଫଳତାର ପାହାଚ ଛୁଇଁବାରେ ଲାଗିଛି । ପ୍ରଥମେ ରାଜ୍ୟ ସରକାର ଏହି ଅନୁଷ୍ଠାନକୁ ସ୍ୱୟଂସାଶିତ ମାନ୍ୟତା ପ୍ରଦାନ କରିଥିଲେ। ପରେ ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେଇଥିଲେ । ବର୍ତ୍ତମାନ ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଗତ ୧୮ ତାରିଖରେ ଏହି ବିଶ୍ୱବିଦ୍ୟାଳୟକୁ ଏକ ସ୍ୱତନ୍ତ୍ର ୟୁଜିସି ମାନ୍ୟତା ପ୍ରଦାନ କରିଛନ୍ତି। ୟୁଜିସି ଆକ୍ଟ ୧୯୫୬ ପରିଚ୍ଛେଦ ୨(ଏଫ) ଅନୁସାରେ ଜିଆଇଇଟି ବିଶ୍ୱବିଦ୍ୟାଳୟ ୟୁଜିସି ମାନ୍ୟତା ପାଇଥିବାବେଳେ ୟୁଜିସି ଆକ୍ଟ ପରିଚ୍ଛେଦ ୨୨ ଅନୁଯାୟୀ ଅଧ୍ୟୟନ ରତ କୃତୀ ଛାତ୍ରୀଛାତ୍ର ସେମାନଙ୍କ ଡିଗ୍ରୀ ଏହି ବିଶ୍ୱବିଦ୍ୟାଳୟରୁ ପାଇପାରିବେ। ଏଥି ପାଇଁ ଜିଆଇଇଟି କର୍ତ୍ତୃପକ୍ଷ ୟୁଜିସିକୁ ଧନ୍ୟବାଦ ପ୍ରଦାନ କରିଛନ୍ତି ।

## ଶିକ୍ଷା ବିଭାଗ ଅଧିକାରୀ ପରିଚୟ ଦେଇ ଟଙ୍କା ଦାବି ଘଟଣା ଅଭିଯୁକ୍ତ ଗିରଫ

**ରାୟଗଡ଼ା ଅଫିସ, ୨୪।୧୦**

ଶିକ୍ଷା ବିଭାଗୀୟ ଅଧିକାରୀ ପରିଚୟ ଦେଇ ଟଙ୍କା ଦାବି କରୁଥିବା ଜଣେ ବ୍ୟକ୍ତିଙ୍କୁ ବୁଧବାର ବିଷମକଟକ ପୋଲିସ ଅଟକ ରଖି ପଚରାଉଚରା କରୁଥିଲା। ପରେ ତାଙ୍କୁ ଗିରଫ କରାଯାଇଥିଲା। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ରାୟଗଡ଼ା ଏସ୍‌ପି ଶର୍ବଣୀ ବିବେକ୍ ଏମ୍ ସୂଚନା ଦେଇଛନ୍ତି। ସେ ହେଲେ କୋଲନରା ବ୍ଲକ ଖେଦାପଡ଼ା ଗ୍ରାମର ଭୀମ ଗାଣ୍ଡା(୫୨)। ଭୀମ ମଙ୍ଗଳବାର ସାର୍ତେଲି ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଇଥିଲେ। ନିଜକୁ ଶିଶୁ କଲ୍ୟାଣ ବିଭାଗ କୋଅର୍ଡିନେଟର ପରିଚୟ ଦେଇ ବିଭିନ୍ନ କାଗଜ ପତ୍ର ଯାଞ୍ଚ କରି ଅଙ୍ଗନୱାଡ଼ି କର୍ମୀଙ୍କଠାରୁ ଟଙ୍କା ଆଦାୟ କରିଥିଲେ । ଏହାପରେ ସାନ ସାର୍ତେଲି ପ୍ରାଥମିକ ବିଦ୍ୟାଳୟ ଯାଇ ନିଜକୁ ଜିଲା ଶିକ୍ଷା ବିଭାଗୀୟ ଅଧିକାରୀ ପରିଚୟ ଦେଇ ଜଣେ ଶିକ୍ଷୟିତ୍ରୀଙ୍କଠାରୁ ୫ହଜାର ଟଙ୍କା ଆଦାୟ କରିବାକୁ ବସିଥିଲେ। ଶିକ୍ଷୟିତ୍ରୀ ଜଣଙ୍କ ଏହା ଜାଣିପାରି ଆସନ୍ତା କାଲି ଆସନ୍ତୁ ଟଙ୍କା ଦେବି ବୋଲି କହି ତାଙ୍କୁ ଫେରାଇ ଦେଇଥିଲେ। ସେ ସ୍କୁଲକୁ ଆସିବା ପରେ ଗ୍ରାମବାସୀ ତାଙ୍କୁ ଅଟକାଇ ବିଷମକଟକ ପୋଲିସକୁ ଖବର ଦେଇଥିଲେ। ପୋଲିସ ଅଟକ ରଖିପଚରା ଉଚୁରା କରିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ମୁନିଗୁଡ଼ା ଏସ୍‌ଡିପିଓ ଚନ୍ଦ୍ରଶେଖର ହୋତା ଏବଂ ବିଷମକଟକ ଥାନାଧିକାରୀ ଯଶୱନ୍ତ ହିଆଲ୍‌ଙ୍କ ତତ୍ତ୍ୱାବଧାନରେ କେସ୍ ନମ୍ବର ୯୯ /୧୯ରେ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

## ଶିଶୁ ମହୋତ୍ସବ ସୁରଭି


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

**ଦୁର୍ଗୀ,୨୪।୧୦**

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଦୁର୍ଗୀ ଓ ଡୁମୁରୁନେଲିରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦୁର୍ଗୀ ସାଦାନା କେନ୍ଦ୍ର ସଂଯୋଜକ ରବି ଗୌଡ଼ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଷମକଟକ ଗୋଷ୍ଠୀ ଶିକ୍ଷାଧିକାରୀ ଜୟଚନ୍ଦ୍ର ପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ମହୋସବରେ ୧୨ଟି ସ୍କୁଲର ୮୧ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସଙ୍ଗୀତ, ବକ୍ତୃତା, ପ୍ରବନ୍ଧ, ଲିଖନ ଆଦି ପ୍ରତିଯୋଗିତା ଆୟୋଜିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଚାରକ ଭାବେ ଅମ୍ବିକା ରାଓ, ସଞ୍ଜୟ ବେହେରା, ରୀନା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅମ୍ବିକା ରାଓ ପରିଚାଳନା କରିଥିଲେ । ସେହି ପରି ଡୁମୁରୁନେଲି ଉଚ୍ଚ ବିଦ୍ୟାଳୟରେ ଶିଶୁ ମହୋସବ ସୁରଭି ୨୦୧୯ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଦନ ପାଣି ଯୋଗ ଦେଇଥିଲେ । ୧୦ଟି ସ୍କୁଲର ଛାତ୍ରୀଛାତ୍ରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସଂଯୁକ୍ତା କଲାକା, ସମିତି ସଭ୍ୟ ରାଜେନ୍ଦ୍ର କଲାକା ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଇଗନେସ ଶବର ପରିଚାଳନା କରିଥିଲେ ।

## ବିକଳ୍ପ କୃଷି ପ୍ରଶିକ୍ଷଣ ଶିବିର



ଶିବିରରେ ଉପସ୍ଥିତ ଚାଷୀମାନେ।

**ମୁନିଗୁଡା, ୨୪।୧୦ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ ଅଧୀନ ଲଟାଗୁଡାଠାରେ ପ୍ରୟୋଗ ତିଲ୍‌ଦାଙ୍କ ପରିଚାଳନା ଏବଂ ଡବ୍ଲ୍ୟୁଏଚ୍‌ଏଚ୍ ସହାୟତାକ୍ରମେ କନ୍ଧମାଳ ଓ ରାୟଗଡ଼ା ଜିଲାର ଅଗ୍ରଣୀ ଚାଷୀମାନଙ୍କୁ ନେଇ ଦୁଇ ଦିନିଆ ବିକଳ୍ପ କୃଷି ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଛି। ଶିବିରରେ ୪୦ ଜଣ ମହିଳା ଏବଂ ପୁରୁଷ ଚାଷୀ ସାମିଲ ହୋଇଥିଲେ। ଆଞ୍ଚଳିକସ୍ତରରେ ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଏବଂ ପ୍ରଶିକ୍ଷଣର ପ୍ରତ୍ୟାଶା ବିଷୟ ଉପସ୍ଥାପନ କରିଥିଲେ। କନ୍ଧମାଳ ଜିଲା ସଂଯୋଜିକା ବିବିନିକା ପ୍ରଧାନ ଏବଂ ରାୟଗଡ଼ା ଜିଲା ସଂଯୋଜିକା ମମତା ପ୍ରଧାନୀଙ୍କ ସଂଯୋଜିତ ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ଏକତା ପରିଷଦର ଆଞ୍ଚଳିକ ସଂଯୋଜକ ଭାରତ ଭୂଷଣ ଠାକୁର, ଶିକ୍ଷା ସନ୍ଧାନ ଜିଲା ସଂଯୋଜକ ଅନନ୍ତ ସାମନ୍ତ, ଅବସରପ୍ରାପ୍ତ କୃଷି ଅଧିଦର୍ଶକ ଭୁବନ ମୋହନ ବାଇନ, ପୂର୍ବତନ ସ୍ୱତନ୍ତ୍ର ଜିଲା ଉନ୍ନୟନ ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡୁକା, ଅବୈତନିକ ଜିଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଗୌରାଙ୍ଗ ଚରଣ ରାଉତ, ସୂଚନା ଅଧିକାର କର୍ମୀ ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ସମ୍ବଳ ବ୍ୟକ୍ତିଭାବେ ଯୋଗ ଦେଇଥିଲେ। ସେମାନେ ବିକଳ୍ପ ଏବଂ ଜୈବିକ କୃଷି ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ମୃତ୍ତିକା, ଜଳ, ବାୟୁ, ପରିବେଶ ସର୍ବୋପରି ଜନସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଚାଷୀମାନେ କିପରି ସଙ୍ଗଠିତ ଭାବେ ସେମାନଙ୍କର ଜୀବନ, ଜୀବିକାକୁ ସୁରକ୍ଷିତ ରଖିପାରିବେ ତାହା ଉପରେ ଆଲୋଚନା ପର୍ଯ୍ୟବସିତ ହୋଇଥିଲା।

### ମଦ ଜବତ,୨ ଗିରଫ



**କଲ୍ୟାଣସିଂହପୁର, ୨୪।୧୦(ଡ଼ି.ଏନ.ଏ):** ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ଗ୍ରାମରେ ପୋଲିସ ଚଢ଼ାଉ କରି ମଦ ବିକ୍ରି କରିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବିଜୟ ସାହୁକାର ଓ ଖାଲିଗୁଡ଼ା ଗ୍ରାମର ତ୍ରିନାଥ ପାଣ୍ଡୁ। ତାଙ୍କଠାରୁ ୧୪୯ ଲିଟର ଦେଶୀମଦ ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି। କୌଣସି ସୂତ୍ରରୁ ଖବରପାଇ କଲ୍ୟାଣସିଂହପୁର ଥାନା ସବ୍‌ଇନ୍ସପେକ୍ଟର ଦିପ୍ତୀରଞ୍ଜନ ସାହୁ, ଏସଆଇ କୃତ୍ତିବାସ ହରିଚନ୍ଦନ,ଧୀରେନ୍ଦ୍ର କୁମାର ସାହୁ ଏହି ଚଢ଼ାଉ କରିଥିଲେ।

## ସମସ୍ୟା ସମାଧାନ ପାଇଁ ଗୋଷ୍ଠୀଗତ ଉଦ୍ୟମ ଜରୁରୀ

**ମୁନିଗୁଡା, ୨୪।୧୦ (ଡି.ଏନ୍.ଏ.)**

ଗୋଷ୍ଠୀଗତ ଉଦ୍ୟମ ଦ୍ୱାରା ପ୍ରତ୍ୟେକ ସମସ୍ୟାର ସୁଫଳ ସମାଧାନ ସମ୍ଭବ ଏବଂ ଶିକ୍ଷକ ସମାଜ ହିଁ ଏ କଥାକୁ ପ୍ରତ୍ୟେକ ସ୍ତରରେ ପ୍ରମାଣିତ କରିପାରିବେ ବୋଲି ଗୁରୁବାର ମୁନିଗୁଡା ବ୍ଲକ ଅଧୀନ ଅନୁସୂଚିତ ଜାତି ଏବଂ ଜନଜାତି ଉନ୍ନୟନ ବିଭାଗ ପରିଚାଳିତ ଆଗୁଳ ସେବାଶ୍ରମ ପରିସରରେ ଆୟୋଜିତ କେନ୍ଦ୍ର ଶ୍ରେଣୀ ବୈଠକରେ ଅତିଥିମାନେ କହିଛନ୍ତି। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାଗୀରଥି ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସାମାଜିକକର୍ମୀ ଗୌରାଙ୍ଗ ଚରଣ ରାଉତ ମୁଖ୍ୟଅତିଥି ଏବଂ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ କେଶବ ସାରକା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧିକାଂଶ ବିଦ୍ୟାଳୟରେ ପାଚେରି, ଶ୍ରେଣୀଗୃହ, ଶୌଚାଳୟ, ଅତିରିକ୍ତ ଶ୍ରେଣୀଗୃହ, କର୍ମଚାରୀ ଗୃହ, ପିଲାଙ୍କ ଖାଇବା ଗୃହ ଆଦି ଅଭାବ ଥିବାରୁ ଏହାର ପରିପୂରଣ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କେନ୍ଦ୍ର ଶ୍ରେଣୀ ସମ୍ପାଦକ ମୁରଲୀ କ୍ରିଷ୍ଣା ବିବରଣୀ ପଠନ କରିଥିଲେ। କୁନ୍ଦି ଦିବାକା, ଲଳିତା ବ୍ରେଡେକା, ଅଞ୍ଜଳି ମତରଙ୍ଗ, ଗୀତା ବ୍ରେଡେକା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପ୍ରଧାନସେବକ ଚନ୍ଦ୍ରଶେଖର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପୁଷ୍ପଲତା ପିଡିକାକା, ବାସନ୍ତୀ ଗୌଡ, ଗୀତାରାଣୀ ଗୌଡ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବିଦେଶୀ ମଦ ଜବତ, ୨ ଗିରଫ



**ଗୁଣପୁର,୨୪।୧୦(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ପୋଲିସ ବେଆଇନ ବିଦେଶୀ ମଦ କାରବାର ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗୁଣପୁର ବ୍ଲକ ଅଧୀନ ଭୀମପୁର ଅଞ୍ଚଳର ଅରୁଣ କୁମାର ନିମାଇଲପୁରୀ ଏବଂ ୟୁ. ଅଶ୍ୱିନୀ କୁମାରଲିମା। ସେମାନଙ୍କ ନିକଟରୁ ୪୩ ଲିଟର ୫୦୦ ଏମଏଲ ବିଦେଶୀ ମଦ ଏବଂ ଗୋଟିଏ ମୋଟରସାଇକେଲ ଜବତ କରାଯାଇଛି ବୋଲି ଆଇଆଇସି ରଶ୍ମି ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।


ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ଗୁଡାରୀ, ୨୪।୧୦ (ଡି.ଏନ୍.ଏ.)**

ଗୁଡାରୀ ବ୍ଲକସ୍ତରୀୟ ଶିଶୁ ମହୋସବ 'ସୁରଭି' ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଲୁକ୍‌କାୟିତ ପ୍ରତିଭାକୁ ଲୋକାଭିମୁଖୀ କରିବା ନିମନ୍ତେ ସୁରଭି ଏକ ପ୍ଲାଟଫର୍ମ। ତେଣୁ ଗ୍ରାମାଞ୍ଚଳର ଶିଶୁମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେଇ ନିଜ ପ୍ରତିଭାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଚେଷ୍ଟା କରିବା ଉଚିତ ବୋଲି ସେ କହିଥିଲେ । ସ୍ଥାନୀୟ ତହସିଲଦାର ଭାରତୀ ଦେବୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରାଥମିକ ଶିକ୍ଷା ସମ୍ପର୍କରେ କହିଥିଲେ । କ୍ଲଷ୍ଟରସ୍ତରୀୟ ସୁରଭିରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

### ସୂଚନା, ଲୋକ ସମ୍ପର୍କ ମନ୍ତ୍ରୀଙ୍କ ରାୟଗଡ଼ା ଗସ୍ତ

## ବିଭିନ୍ନ ଯୋଜନାର କଲେ ସମୀକ୍ଷା

**ରାୟଗଡା ଅଫିସ, ୨୪।୧୦**

ରାଜ୍ୟ ଜଳ ସମ୍ବଳ ଓ ସୂଚନା ଏବଂ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାଶ ଗୁରବାର ରାୟଗଡା ଗସ୍ତ କରିଛନ୍ତି। ସେ ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। ସ୍ଥାନୀୟ ସର୍କିଟ ହାଉସରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ସେ ଯୋଗ ଦେଇଥିଲେ। ଏଥିରେ ଉଠା ଜଳ ସେଚନ, କ୍ଷୁଦ୍ର ଜଳ ସେଚନ, ମେଗା ଉଠା ଜଳ ସେଚନ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଚାଲିଥିବା ଯୋଜନା ବିଷୟରେ କହିଥିଲେ। ଜଳସେଚନ କ୍ଷେତ୍ର ରେ ପ୍ରକଳ୍ପ ଗୁଡିକରେ ୨୨ ପ୍ରତିଶତ ଉନ୍ନତି ହୋଇପାରିଛି। ଆଉ ବାକି ୩୫ ପ୍ରତିଶତ ଉନ୍ନତି ର ଆବଶ୍ୟକତା ରହିଛି। ଏଥିସହ ପ୍ରତ୍ୟକ ବ୍ଲକରେ ୨୩ ଟି ଡ୍ୟାମ ନିର୍ମାଣ କରାଯାଇ ଚାଷ ଜମି କୁ ଜଳ ସେଚନ କରାଯିବାର ଯୋଜନା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ଏହା ପରେ ମନ୍ତ୍ରୀ ସିଲଟିଗୁଡାଠାରେ ଥିବା ଡ୍ୟାମ ପରିଦର୍ଶନ କରିଥିଲେ । ବର୍ତ୍ତମାନ ୨୪୦୦୦ ହେକ୍ଟର ଜମିକୁ ଜଳ ସେଚିତ କରାଯାଉଛି ।୨୦୧୯-୨୦ ରେ ୮୯ ଟି ପ୍ରକଳ୍ପ ଚାଲୁ ରହିଛି ବୋଲି ଜଳ ସେଚିତ ଅଧିକାରୀ ମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନା କରିଥିଲେ।


ବୈଠକରେ ଜଳ ସମ୍ବଳ ଓ ସୂଚନା ଏବଂ ଲୋକ ସମ୍ପର୍କ ମନ୍ତ୍ରୀ ଆଲୋଚନା କରୁଛନ୍ତି।